بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 7

ସଂଖ୍ୟା 43-49

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୬୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

27 ଅକ୍ଟୋବର-08 ଡ଼ିସେମ୍ବର2022 27ଇଖା-08ଫତାଃ1401 ହି.ଶ 30ରବିଉଲ୍ ଅୱ୍ୱଲ୍-13ଜମାଦିଲ୍ ଅୱ୍ୱଲ୍1444 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَاِمَّا یَنۡزَغَنَّکَ مِنَ الشَّیۡطٰنِ نَزۡغٌ فَاسۡتَعِذۡ بِاللّٰہِ ؕ اِنَّہٗ سَمِیۡعٌ عَلِیۡمٌ ○

(201:اعراف)

ଅନୁବାଦ-ଏବଂ ଯଦି ଶୟତାନ୍ ଠାରୁ ତୁମକୁ କୌଣସି ଦୁଃଖ ପ୍ରାପ୍ତ ହୁଏ,ତେବେ ତୁମେ ଅଲ୍ଲାଃଙ୍କର ଶରଣ ଭିକ୍ଷା କର, ସେ ହିଁ ମହାନ ଶ୍ରୋତା (ଓ) ସର୍ବଜ୍ଞ ।

*(ସୁରଃ : ଅଲ୍ ଆରାଫ୍ : ୨୦୧)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ.କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲହମ୍ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବ.ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ.ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ଯେଉଁ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଆମେ ଚାହୁଁଛୁ ଏବଂ ଯେଉଁ ଉଦ୍ଦେଶ୍ୟ ପାଇଁ ଆମକୁ ସର୍ବଶକ୍ତିମାନ ଅଲ୍ଲାଃ ପ୍ରେରଣ କରିଛନ୍ତି, ଯେପର୍ଯ୍ୟନ୍ତ ଲୋକମାନେ ଏଠାକୁ ବାରମ୍ବାର ନ ଆସିଛନ୍ତି ଏବଂ ଆସିବାକୁ ଲେଶମାତ୍ର ବି ସଂକୋଚ ଅନୁଭବ ନକରଛନ୍ତି, ସେପର୍ଯ୍ୟନ୍ତ ସେହି ଉଦ୍ଦେଶ୍ୟ ପୂରଣ ହୋଇ ପାରିବ ନାହିଁ ।**

## ହଜରତ ମସିହ ମଉଦ ଆ.ସ.ଙ୍କ ନୀତି ବାଣୀ

### ବାରମ୍ବାର ମର୍କଜର ପରିଦର୍ଶନ କରିବା ପ୍ରତି ଗୁରୁତ୍ୱ ଦିଅନ୍ତୁ ।

ଡ଼ିସେମ୍ବର ୧୮୯୯ ମସିହାର ଜଲସା ସାଲାନାଃ (ବାର୍ଷିକ ସମାରୋହ)ରେ ବହୁତ କମ୍ ଲୋକ ଆସିଥିଲେ । ଏଥିରେ ହଜରତ୍ ଅକଦସ୍ ମସିହ୍ ମଉଦ୍ ଆ ସ ବହୁତ ଦୁଃଖ ପ୍ରକାଶ କରି କହିଲେ:ଏପର୍ଯ୍ୟନ୍ତ ଲୋକମାନେ ଆମ ଉଦ୍ଦେଶ୍ୟ ବିଷୟରେ ଅବଗତ ନାହାନ୍ତି ଯେ ଆମେ ସେମାନଙ୍କ ପାଇଁ କ'ଣ ଚାହୁଁଛୁ, ସେମାନେ କ'ଣ ହୁଅନ୍ତୁ ଓ ଯେଉଁ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାକୁ ଆମେ ଚାହୁଁଛୁ ଏବଂ ଯେଉଁ ଉଦ୍ଦେଶ୍ୟ ପାଇଁ ଆମକୁ ସର୍ବଶକ୍ତିମାନ ଅଲ୍ଲାଃ ପ୍ରେରଣ କରିଛନ୍ତି ? ଯେପର୍ଯ୍ୟନ୍ତ ଲୋକମାନେ ଏଠାକୁ ବାରମ୍ବାର ନ ଆସିଛନ୍ତି ଏବଂ ଆସିବାକୁ ଲେଶମାତ୍ର ସଂକୋଚ ଅନୁଭବ ନକରଛନ୍ତି, ସେପର୍ଯ୍ୟନ୍ତ ସେହି ଉଦ୍ଦେଶ୍ୟ ପୂରଣ ହୋଇ ପାରିବ ନାହିଁ ।

ପୁଣି କହିଲେ:ଯଦି କିଏ ଏହା ଭାବୁଛି ଯେ (ଏଠକୁ) ଆସିବା ପାଇଁ ହେଲେ ତାକୁ ବହୁତ କଷ୍ଟ ହେଉଛି ବା ଏହା ଭାବୁଛି ଯେ ଏଠାରେ ରହିବା ଦ୍ୱାରା ଆମ ଉପରେ କିଛି ବୋଝ (ବର୍ଡ଼ନ) ହେବ ବୋଲି ,ଏପରି ଲୋକକୁ ଭୟ କରିବା ଉଚିତ ଯେ ସେ ସିର୍କ ରେ ଲିପ୍ତ ହୋଇଯାଇଛି । ଆମର ତ ଏ ବିଶ୍ୱାସ ରହିଛି ଯେ ଯଦି ସାରା ଦୁନିଆ ଆମର କୁଟୁମ୍ବ ହେଇଯାଏ,ତାହେଲେ ଆମର ଏହି ଅଭିଯାନରେ ସର୍ବଶକ୍ତିମାନ ଅଲ୍ଲାଃ ଆମ ପାଇଁ ପ୍ରଯୋଜକ (ଅର୍ଥାତ ଆମର ସବୁ କାର୍ଯ୍ୟ ତୁଲାଇବା ପାଇଁ ଯଥେଷ୍ଟ) ହେବେ । ଆମ ଉପରେ ଟିକିଏ ବି ବୋଝ (ବର୍ଡ଼ନ) ନାହିଁ । ଆମକୁ ଆମ ବନ୍ଧୁ ମାନଙ୍କ ଅସ୍ତିତ୍ୱ ଦ୍ୱାରା ବହୁତ ଶାନ୍ତି ମିଳିଥାଏ । ଏପରି ଭ୍ରମାତ୍ମକ ଚିନ୍ତାଧାରାକୁ ମନରୁ କାଢି ଫିଙ୍ଗିଦେବା ଉଚିତ । ମୁଁ କିଛି ଲୋକଙ୍କୁ ଏହା କହିବାର ଶୁଣିଲି ଯେ ଆମେ ଏଠାରେ ବସି କାହିଁକି ହଜରତ୍ ସାହେବଙ୍କୁ କଷ୍ଟ ଦେବା ? ଆମେ ତ ନିକମା ଲୋକ,ଏହିପରି ବସି କାହିଁକି ରୁଟି ଶେଷ କରିବା ? ସେମାନେ ଏକଥା ମନେ ରଖନ୍ତୁ ଯେ ଏହା ହେଉଛି କେବଳ ଶୟତାନର ବିଭ୍ରାନ୍ତି,ଯାହାକୁ ସେହି ଶୟତାନ୍ ସେମାନଙ୍କ ମନରେ ପକାଇଦେଉଛି ଯେ ସେମାନଙ୍କର ପାଦ ଏଠାରେ କିପରି ସୁଦୃଢ଼ ନହୋଇଯାଉ ।

ଦିନେ ହକିମ୍ ଫଜଲେ ଦୀନ୍ ସାହେବ୍ ପଚାରିଲେ ଯେ ହଜୁର୍ ! ମୁଁ ଏଠାରେ ନିକମାଙ୍କ ପରି ବସି ରହି କ'ଣ କରୁଛି ଯେ । ଯଦି ଆଦେଶ ମିଳେ ତା'ହେଲେ ଭେରାଃ ଚାଲିଯିବି । ସେଠାରେ ପବିତ୍ର କୁରଆନର ଶିକ୍ଷା ତ ଦେଇପାରିବି । ଏଠାରେ ମତେ ବହୁତ ଲାଜ ଲାଗୁଛି ଯେ ମୁଁ ହଜୁରଙ୍କର କୌଣସି କାମରେ ସାହାଯ୍ୟ କରିପାରୁ ନାହିଁ,ଏବଂ କାଳେ ବେକାର ବସିରହିଲେ କୌଣସି ପାପ ନ ହୋଇଯାଉ । ଏଥିରେ ହଜୁର୍ ଆ ସ କହିଲେ : ଆପଣଙ୍କର ଏଠାରେ ବସି ରହିବା ହିଁ ହେଉଛି ଜିହାଦ୍ ଏବଂ ଏହି ବେକାରୀ ବି ବହୁତ ବଡ଼ ମହତ୍ କାର୍ଯ୍ୟ ।

ଅତେବ୍ ବହୁତ କଷ୍ଟ ତଥା ଅତ୍ୟନ୍ତ ଦୁଃଖଭରା ଶବ୍ଦରେ ନଆସୁଥିବା ଲୋକମାନଙ୍କ ବିଷୟରେ ଅଭିଯୋଗ କରି କହିଲେ : ଏପରି ବାହାନା କରୁଥିବା ଲୋକେ ହେଉଛନ୍ତି ସେହିପରି ଲୋକେ ଯେଉଁମାନେ ହଜୁର୍ ସରଓ୍ୱରେ ଆଲମ୍ (ଅର୍ଥାତ ହଜରତ୍ ମୁହମ୍ମଦ୍)ସ ଆ ସ ଙ୍କ ନିକଟରେ ବାହାନା କରି କହିଥିଲେ **ଇନ୍ନା ବୁୟୁତନା ଔରତୁନ୍** ଏବଂ ଅଲ୍ଲାଃତାଲା ସେମାନଙ୍କର ଏହି କଥାକୁ ପ୍ରତ୍ୟାଖ୍ୟାନ କରିଦେଲେ ଯେ **ଇନ୍ନା ୟୁରିଦୁନା ଇଲ୍ଲା ଫିରାରା** (ଅଲଅହଜାବ୍ : ୧୪) । ପୁଣି କହିଲେ : ଆମ ବନ୍ଧୁମାନଙ୍କୁ କିଏ ଏକଥା କହିଛି ଯେ ଏହି ଜୀବନ ବହୁତ ଦୀର୍ଘ ଜୀବନ ବୋଲି । ମୃତ୍ୟୁର କୌଣସି ସମୟ ନାହିଁ । ସେ କେବେ ବି ଆସି କାହା ମୁଣ୍ଡ ଉପରେ ବସି ପାରେ । ତେଣୁ ଯାହା ବି କିଛି ସମୟ ମିଳୁଛି ତାକୁ ସୌଭାଗ୍ୟ ବୋଲି ଭାବିବା ଉଚିତ ।

ପୁଣି କହିଲେ: ଏହି ଦିନସବୁ ଆଉ ଆସିବେ ନାହିଁ । ଏହା ସବୁ ଗୋଟିଏ କାହାଣୀ ହୋଇ ରହିଯିବ । ''

**(ମଲଫୁଜାତ୍,ଖ-୦୧,ପୃ-୪୧୦,ମୁଦ୍ରିତ କାଦିଆନ୍ ୨୦୧୮)**

## ନବୀ ସ:ଆ:ସଙ୍କ ବାଣୀ

### ସଦକାଃ(ଦାନ ଖୈରାତ୍)ଦେବା, ଅଭାବି ଲୋକମାନଙ୍କ ଉପରେ ଦୟା କରିବା ଏବଂ ଧନ ଖର୍ଚ୍ଚ କରିବାର ପ୍ରାଧାନ୍ୟତା

(୧୪୩୬) ହଜରତ୍ ହକିମ୍ ବିନ୍ ହଜାମ୍ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ : ମୁଁ କହିଲି ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ତ ସେ କଥା ଜାଣିଛନ୍ତି,ଯାହା ଜରିଆରେ ମୁଁ ଜାହିଲିୟତ୍‌ରେ (ଅର୍ଥାତ ଇସଲାମ୍ ଆସିବା ପୂର୍ବରୁ) ପାପର ପ୍ରାୟଶ୍ଚିତ କରୁଥିଲି । ଅର୍ଥାତ୍ ସଦକାଃ ଦେବା ,ଗୁଲାମ୍ (କ୍ରୀତଦାସ) ମୁକ୍ତ କରିବା କିମ୍ବା ଦୟା ଆଚରଣ କରିବା । କ'ଣ ସେ ସବୁଥିରୁ ମତେ କିଛି ପୁଣ୍ୟ ମିଳିବ କି ? ନବି କରିମ୍ ସ ଆ ସ କହିଲେ : ତୁମେ ପୂର୍ବରୁ କରିଥିବା ସେହି ପୁଣ୍ୟକର୍ମ ଯୋଗୁଁ ହିଁ ତ ଇସଲାମରେ ଦିକ୍ଷିତ ହୋଇଅଛ ।

(୧୪୪୩) ହଜରତ୍ ଅବୁ ହୁରେରାଃ ର ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ କରିମ୍ ସ ଆ ସ କହିଲେ : କୃପଣ ଏବଂ ଖର୍ଚ୍ଚ କରୁଥିବା (ବଦାନ୍ୟ) ବ୍ୟକ୍ତିର ଉଦାହରଣ ହେଉଛି ଏପରି ଦୁଇଜଣଙ୍କ ପରି,ଯେଉଁମାନେ ଦୁଇଟି ଲୁହା ନିର୍ମିତ ଜାମା ଛାତିଠାରୁ ନେଇ ହଂସୁଳି (କଲରବୋନ୍) ପର୍ଯ୍ୟନ୍ତ ପିନ୍ଧିଛନ୍ତି । ଖର୍ଚ୍ଚ କରୁଥିବା ଲୋକଟି ଯେତେ ଯେତେ ଖର୍ଚ୍ଚ କରିଚାଲିଥାଏ,ସେହି ଲୁହା ପୋଷାକଟି ତା ଶରୀରରେ ବିସ୍ତାର କରିଚାଲିଥାଏ । ବା (କହିଲେ:)ଏତେ ଲମ୍ବା ହୋଇଯାଇଥାଏ ଯେ ତାହା ତା ଆଙ୍ଗୁଳିଗୁଡ଼ିକୁ ବି ଲୁଚାଇ ଦେଇଥାଏ ଏବଂ ତା ପାଦ ଚିହ୍ନଗୁଡ଼ିକୁ ବି ଲିଭାଇଦିଏ । କିନ୍ତୁ କୃପଣ ଲୋକଟି ଯେବେ କୌଣସି ସମୟରେ ଖର୍ଚ୍ଚ କରିବାକୁ ଇଚ୍ଛା କରେନାହିଁ,ସେତେବେଳେ (ସେହି ଲୁହା ପୋଷାକର)ପ୍ରତ୍ୟେକ ବୃତ ନିଜ ନିଜ ସ୍ଥାନରେ ଚିପି ହୋଇଯାଏ । ସେ ତାକୁ ହୁଗୁଳା କରିବାକୁ ଚାହିଁଥାଏ କିନ୍ତୁ ତାହା ହୁଗୁଳା ହୋଇନଥାଏ ।

***(ସହି ବୁଖାରୀ, ଖଣ୍ଡ-୦୩,କିତାବୁଲ୍ ଜକାତ୍, ମୁଦ୍ରିତ କାଦିଆନ୍ ୨୦୦୮)***

⌘⌘⌘⌘⌘⌘⌘⌘⌘⌘⌘⌘

ଜଣେ ମୁତ୍‌ତକି (ଧର୍ମପରାୟଣ) ବ୍ୟକ୍ତି ହେଉଛି ସେ,ଯିଏ ଅଲ୍ଲାଃତାଲାଙ୍କ ସହିତ ନିଜର ସମ୍ପର୍କକୁ ମଜଭୁତ କରିଥାଏ ଏବଂ ସେହି ସମ୍ପର୍କକୁ ଏତେ ମାତ୍ରାରେ ବଢାଇ ଦିଏ ଯେ ସ୍ୱୟଂ ଅଲ୍ଲାଃତାଲା ତାହାର ଢାଲ ହୋଇ ତାର ସୁରକ୍ଷା କରିଥାନ୍ତି । ମୁହସିନ୍ ହେଉଛି ସେ, ଯିଏ ନିଜେ ସୁରକ୍ଷିତ ରହିବା ସହିତ ଏ ସଂସାରବାସୀଙ୍କୁ ବି ଅଲ୍ଲାଃଙ୍କ ସୁରକ୍ଷା ଅଧିନରେ ଆଣିବା ପାଇଁ ଚେଷ୍ଟା କରିଥାଏ ।

ସୟଦନା ହଜରତ୍ ମୁସଲେହ୍ ମଉଦ୍ ର ଅ ସୁରଃ ନହଲ୍ ଆୟତ ନଂ-୧୨୯ ଇନ୍ନଲ୍ଲାହା ମାଅଲ୍ଲଜିନତ୍ ତକଓ୍ୱ ଓ୍ୱଲ୍ଲଜିନା ହୁମ୍ ମୁହସିନୁନ୍ (ଅନୁବାଦ:ଏବଂ (ମନେରଖ ଯେ) ଯେଉଂମାନେ ମୁତ୍‌ତକି (ଧର୍ମପରାୟଣ) ଓ ଯେଉଁମାନେ ସତ୍‌କାର୍ଯ୍ୟ କାରନ୍ତି ବାସ୍ତବରେ ଅଲ୍ଲାଃ ସେହିମାନଙ୍କ ସହିତ ହିଁ ଥାଆନ୍ତି)ର ବ୍ୟାଖ୍ୟା କରି କହିଛନ୍ତି :

ଜଣେ ମୁତ୍‌ତକି (ଧର୍ମପରାୟଣ) ବ୍ୟକ୍ତି ହେଉଛି ସେ,ଯିଏ ଅଲ୍ଲାଃତାଲାଙ୍କ ସହିତ ନିଜର ସମ୍ପର୍କକୁ ମଜଭୁତ କରିଥାଏ ଏବଂ ସେହି ସମ୍ପର୍କକୁ ଏତେ ମାତ୍ରାରେ ବଢାଇ ଦିଏ ଯେ ସ୍ୱୟଂ ଅଲ୍ଲାଃତାଲା ତାହାର ଢାଲ ହୋଇ ତାର ସୁରକ୍ଷା କରିଥାନ୍ତି । ମୁହସିନ୍ ହେଉଛି ସେ ଯିଏ ନିଜେ ସୁରକ୍ଷିତ ରହିବା ସହିତ ଏ ସଂସାରବାସୀଙ୍କୁ ବି ଅଲ୍ଲାଃଙ୍କ ସୁରକ୍ଷା ଅଧିନରେ ଆଣିବା ପାଇଁ ଚେଷ୍ଟା କରିଥାଏ । ତେଣୁ ମୁହସିନର ସ୍ତର/ସ୍ଥିତି ଧର୍ମପରାୟଣ ବ୍ୟକ୍ତି ଅପେକ୍ଷା ଉଚରେ ।

କିଛି ଲୋକେ ନିଜେ ବହୁତ ପୁଣ୍ୟବାନ୍ ହୋଇଥାନ୍ତି କିନ୍ତୁ

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ........

*ପୃଷ୍ଠା- ୧ ର ଅବଶିଷ୍ଟାଂଶ ......*

ଅନ୍ୟମାନଙ୍କୁ ବଂଚାଇବା ପାଇଁ ଚିନ୍ତା କରିନଥାନ୍ତି । ସେହିପରି କେତେକ ଏପରି ଅଛନ୍ତ ଯେଉଁମାନେ ଅନ୍ୟମାନଙ୍କ ବିଷୟରେ ଚିନ୍ତା ତ କରିଥାନ୍ତି କିନ୍ତୁ ନିଜର ବ୍ୟକ୍ତିଗତ ସୁଧାର/ଉନ୍ନତି ପ୍ରତି ଧ୍ୟାନ ଦେଇନଥାନ୍ତି । ଅଲ୍ଲାଃତାଲାଙ୍କ ପୂର୍ଣ୍ଣ ସଙ୍ଗତ ପ୍ରାପ୍ତ କରିବା ପାଇଁ ଉଭୟର ଆବଶ୍ୟକତା ରହିଛି,ଯଥା ସେ ମୁତ୍‌ତକି (ଧର୍ମପରାୟଣ) ହେବା ସହିତ ମୁହସିନ୍ (ଅନ୍ୟପ୍ରତି ଦୟା ପ୍ରଦର୍ଶନକାରୀ) ବି ହେବା ଆବଶ୍ୟକ ।

ଏଠାରେ ଏ କଥା ମନେ ରଖିବା ଉଚିତ ଯେ ଜଣେ ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି)ର ଅର୍ଥ ଏହା ନୁହେଁ ଯେ ତାର ଏ ଦୁନିଆ/ସଂସାର ପ୍ରତି କୌଣସି ରୁଚି ନ ରହୁ । ପବିତ୍ର କୁରଆନରେ ଏମିତି ଲୋକର ନାମ ଜାହିଲ୍ (ମୂର୍ଖ) ରଖାଯାଇଛି । ଜଣେ ମୁତ୍‌ତକି (ଧର୍ମପରାୟଣ) ବ୍ୟକ୍ତି ତ ହେଉଛି ସେ ଯାହାର ସମସ୍ତ କାର୍ଯ୍ୟରେ ଈଶ୍ୱରଭୟ ରହିଥିବ । ଯଦି ଜଣେ କାର୍ଯ୍ୟ ହିଁ କରୁନାହିଁ,ତା'ଠାରେ ଈଶ୍ୱରଭୟ କାହୁଁ ଆସିବ ? ମୁତ୍‌ତକି ଶବ୍ଦଟି ଏହା ସୂଚାଇ ଦେଉଛି ଯେ ସେ ବିପଦରେ ତ ପଡ଼ିଥାଏ କିନ୍ତୁ ଅଲ୍ଲାଃତାଲା ସ୍ୱୟଂ ତାହାର ସୁରକ୍ଷା କରିଥାନ୍ତି । ଅତେବ୍ ଜଣେ ଧର୍ମପରାୟଣ ବ୍ୟକ୍ତି ହେଉଛି ସେ,ଯିଏ ସାଂସାରିକ କାର୍ଯ୍ୟରେ ଲିପ୍ତ ରହି ମଧ୍ୟ ସାଂସାରୀକ କୁପ୍ରଭାବରୁ ସୁରକ୍ଷିତ ରହିଥାଏ । ମୁହସିନ୍ ବିଷୟରେ ଏକଥା ବି ମନେ ରଖିବା ଉଚିତ ଯେ ତାହାର ଅର୍ଥ ଅବବ୍ୟୟ କରିବା ନୁହେଁ । ଆଁ ହଜରତ୍ ସ ଆ ସ କହିଛନ୍ତି ଯେ ତୁମେ ନିଜ ଉତରାଧିକାରୀମାନଙ୍କୁ ଦୟନୀୟ ଅବସ୍ଥାରେ ଛାଡ଼ିଯିବ ଅପେକ୍ଷା ସେମାନଙ୍କ ପାଇଁ ଧନ ସମ୍ପତି ଛାଡ଼ିଯିବା ଉତମ ନଚେତ ସେମାନେ ଅନ୍ୟମାନଙ୍କ ନିକଟରେ ହାତ ପତାଇବେ ।

ମୁହସନର ଅର୍ଥ ମଧ୍ୟ ହେଉଛି ଏହା କି,ସେ ଏପରି କାର୍ଯ୍ୟ କରିଥାଏ,ଯାହା ଜଗତରେ ସୌନ୍ଦର୍ଯ୍ୟ ସୃଷ୍ଟି କରିଥାଏ । ଯଦି ଜଣେ ନିଜ ଘରକୁ ଉଜାଡ଼ି ଦିଏ,ସେ କେମିତି ସୌନ୍ଦର୍ଯ୍ୟ ସୃଷ୍ଟି କରିପାରିବ । ତେଣୁ ମୁହସିନ୍ ହେଉଛି ସେ,ଯିଏ ନିଜ ଘରକୁ ସୁରକ୍ଷିତ ରଖିବା ସହିତ ଏ ଦୁନିଆର ବି ଖବର ରଖିଥାଏ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ନିଜେ ତ ବିଳାଶପୂର୍ଣ୍ଣ ଜୀବନ ଅତିବାହିତ କରୁଥିବ କିନ୍ତୁ ଯେବେ ଖର୍ଚ୍ଚ କରିବା ପାଇଁ ଅବସର ଆସେ,ସେତେବେଳେ କହୁଥିବ,ମୋ ପାଖରେ ତ କିଛି ବି ନାହିଁ ।

ସେହିପରି ମୁହସିନ୍ ହେଉଛି ସେ,ଯାହା କାର୍ଯ୍ୟର ଫଳାଫଳ ଭଲ ବାହାରୁ ଥିବ । ସୁତରାଂ ଦୁର୍ଭାଗ୍ୟବଶତଃ ଯଦି କାହାର ଫଳାଫଳ ଖରାପ ବାହାରିଲା,ତାହା ନୈତିକ ହେଉ କି ସାଂସ୍କୃତିକ,ସେହି ବ୍ୟକ୍ତି ମୁହସିନ୍ ନୁହେଁ । ଏହି ଆୟତରେ ଇହୁଦୀ ଏବଂ ଖ୍ରିଷ୍ଟିଆନ୍‌ମାନଙ୍କ ସହିତ ଯୁଦ୍ଧର ଫଳାଫଳ ବିଷୟରେ ମଧ୍ୟ କୁହାଯାଇଛି । ତାହା ହେଉଛି ଏହା କି ଅଲ୍ଲାଃତାଲା ମୁସଲମାନମାନଙ୍କୁ ସାହାଯ୍ୟ କରିବେ । ଏବେ ସ୍ପଷ୍ଟ ହେଲା ଯେ ଯାହାଙ୍କ ସହିତ ଖୁଦାତାଲା ଅଛନ୍ତି,ତାଙ୍କ ଉପରେ କିଏ ବା ବିଜୟ ହାସଲ କରିପାରିବ । ***(ତଫସୀର୍‌କବୀର୍,ଖ-୦୪,ପୃ-୨୭୬,ମୁଦ୍ରିତ କାଦିଆନ୍ ୨୦୧୦)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା-୧୦ର ଅବଶିଷ୍ଟାଂଶ ......*

ଇତିହାସ ଉପସ୍ଥାପନ କରିବାକୁ ଅସମର୍ଥ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସାମରିକ କ୍ଷେତ୍ରରେ ସମସ୍ତ ସଫଳତା ଖାଲିଦ୍ ବିନ୍ ୱଲିଦ୍ ର ଅ ,ତାଙ୍କ ସାଥୀମାନେ ଏବଂ ତାଙ୍କ ସେନାପତିମାନଙ୍କ ଯୋଗୁଁ ହିଁ ଲାଭ ହୋଇପାରିଛି । କିନ୍ତୁ ସତ୍ୟକୁ ଅସ୍ୱୀକାର କରାଯାଇପାରିବ ନାହିଁ ଯେ ଏହି ବିଜୟ ତଥା ସଫଳତା ହାସଲ କରିବାରେ ହଜରତ୍ ଅବୁ ବକର୍ ର ଅଙ୍କ ପରି ଜଣେ ମହାନ ବ୍ୟକ୍ତି ବିଶେଷଙ୍କ ତତ୍ତ୍ୱାବଧାନ ଏବଂ ପୃଷ୍ଠପୋଷକତା ଯୋଗୁଁ ହି ସାଧିତ ହୋଇପାରିଥିଲା । ଇତିହାସ ସାକ୍ଷୀ ରହିଛି ଯେ କୌଣସି ସେନାର ଜଣେ ବଡ଼ରୁ ବଡ଼ ଦକ୍ଷ ସେନାପତି ସେପର୍ଯ୍ୟନ୍ତ ଏପରି ଅଖଣ୍ଡତା,ବିଶ୍ୱସ୍ତତା ଏବଂ ଆନ୍ତରିକତା ପ୍ରଦର୍ଶନ କରିପାରିବ ନାହିଁ ଯେ ପର୍ଯ୍ୟନ୍ତ ତାକୁ ରାଜ୍ୟ ମୁଖ୍ୟଙ୍କ ବ୍ୟକ୍ତିଗତ ଗୁଣ ଏବଂ ଉଚ୍ଚ ଚରିତ୍ର ଅନୁପ୍ରାଣିତ ନକରିଛି ।

ମୁନକିରିନ୍ ,ଇରତିଦାଦ୍ ଏବଂ ବିଦ୍ରୋହର ଯୁଦ୍ଧଠାରୁ ଆରମ୍ଭ କରି ଇରାକ ବିଜୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକୁ ଯେଉଁପରି ବ୍ୟକ୍ତିଗତ ଉଦାହରଣ,ଉତମ ପରିଚାଳନା ଏବଂ ସହନଶୀଳତାର ପ୍ରଦର୍ଶନ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଉପସ୍ଥାପନ କଲେ,ତାହା ମୁସଲମାନମାନଙ୍କ ମନରେ ଅଧିକରୁ ଅଧିକ ବଳିଦାନ କରିବା ପାଇଁ ଉତ୍ସାହିତ କରି ରଖିଲା । ଯେଉଁଠି ତାଙ୍କର ସମସ୍ତ ଆଦେଶ ଏବଂ ନିର୍ଦ୍ଦେଶଗୁଡ଼ିକ ବିସ୍ତୃତ ଏବଂ ଉତମ ବୁଝାମଣାରେ ପରିପୂର୍ଣ୍ଣ ଥିଲା,ସେଠାରେ ତାଙ୍କର ନିଜସ୍ୱ/ବ୍ୟକ୍ତିଗତ ଚରିତ୍ର ତା ଅପେକ୍ଷା କାହିଁ କେତେ ମାତ୍ରାରେ ଭିନ୍ନ ଓ ସ୍ୱତନ୍ତ୍ର ଥିଲା । କୌଣସି ମାର୍ଗଦର୍ଶକ ଧୈର୍ଯ୍ୟ ଏବଂ ସହନଶୀଳତା ଓ ଏତେ ମାତ୍ରାରେ ନିଷ୍ଠାପରତାରେ ବଢ଼ିଯିବାର ପ୍ରମାଣ କ'ଣ ବା ଉପସ୍ଥାପନ କରିପାରିବ ଯେ ପ୍ରାରମ୍ଭରୁ ନେଇ ଅନ୍ତ ପର୍ଯ୍ୟନ୍ତ ଏପରି କୌଣସି ଅବସର ମିଳିବାର ନଜିର ନାହିଁ,ଯେଉଁଠି ସେ (ଅର୍ଥାତ ହଜରତ୍ ଅବୁ ବକର୍ ର ଅ) ନିଜ ବ୍ୟକ୍ତିଗତ ହିତ ପାଇଁ ବା କୌଣସି ଚାପରେ ଆସି ନିଜର ଆଦେଶାବଳି ତଥା ନିୟମାବଳୀକୁ ପରିବର୍ତନ କରିଥିବେ । କେବଳ ଏତିକି ନୁହେଁ ବରଂ ପ୍ରତିଭାଶାଳୀ ଅଧସ୍ତନମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ଉଚ୍ଚ ମାନକୁ ବଜାୟ ରଖିବା ଏବଂ ବଳିଦାନର ଆତ୍ମାକୁ ଉଷ୍ମ ରଖିବା ପାଇଁ ଯେଉଁ ବିଶ୍ୱାସ ଏବଂ ଭରସାର ନମୁନା ହଜରତ୍ ଅବୁ ବକର୍ ର ଅ ଉପସ୍ଥାପନ କରିଛନ୍ତି,ତାହାର ଉଦାହରଣ ଖୋଜିଲେ ବି ମିଳିବ ନାହିଁ । କ'ଣ କୌଣସି ଅଧସ୍ତନ ବ୍ୟକ୍ତି ଏପରି ନେତାଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ କୌଣସି ଅବହେଳା ପ୍ରଦର୍ଶନ କରିପାରେ,ଯିଏ ନିଜେ ନିଜ ମାର୍ଗଦର୍ଶକଙ୍କ ଆଦେଶ,ନିର୍ଦ୍ଦେଶ ଏବଂ ମାନବିକ ମୂଲ୍ୟବୋଧ ଖାତିର୍ ଅତ୍ୟଧିକ ବିଶ୍ୱସ୍ତତା ଏବଂ ସଂରକ୍ଷିତ ବଳିଦାନର ଜୀବନ୍ତ ଉଦାହରଣ ହୋଇଥିବ । ଯେମିତି ସିଦ୍ଦିକ ଅକବର (ଅର୍ଥାତ୍ ହଜରତ୍ ଅବୁ ବକର୍) ନିଜେ ଥିଲେ । ସୟଦନା ହଜରତ୍ ଖାଲିଦ୍ ର ଅ ଙ୍କ ସାମରିକ ଦକ୍ଷତା ତାଙ୍କୁ ବିଶେଷ ରୂପେ ବିଶ୍ୱର ଜଣେ ମହାନ ସେନାପତି (ଜେନେରାଲ)ଙ୍କ ସ୍ଥାନରେ ସ୍ଥାନିତ କରିଦେଇଛି । ନିଜ ପ୍ରତିପକ୍ଷଙ୍କ ବିପକ୍ଷରେ ସୟଦନା ଖାଲିଦ୍ ର ଅ ଯେଉଁ ରଣନୀତିଗୁଡ଼ିକୁ ଆପଣେଇଥିଲେ,ବରଂ ଏହା କହିବା ଅଧିକ ଉପଯୁକ୍ତ ହେବ ଯେ ସୟଦନା ଖାଲିଦ୍ ର ଅ ଯେଉଁ ରଣନୀତିକୁ ପ୍ରସ୍ତୁତ କରିଥିଲେ,ତାହା ସାମରିକ ଇତିହାସରେ ଏକ ଉଜ୍ଜ୍ୱଳ ଅଧ୍ୟାୟ ହୋଇ ରହିଛି ।

ସୟଦନା ଖାଲିଦ୍ ର ଅଙ୍କ ସାହସିକ ଯୋଜନାଗୁଡ଼ିକୁ ସଫଳ କରିବା ପାଇଁ ମୁସଲମାନମାନଙ୍କ ଯୁଦ୍ଧ ସାମର୍ଥ୍ୟ ଏବଂ ସେମାନଙ୍କ ସେନା ର ନିରନ୍ତର ଅଭିଯାନ ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଥିଲା । ଏହି ଦୁଇଟି ଜିନିଷ ଦ୍ୱାରା ସୟଦନା ଖାଲିଦ୍ ଅତ୍ୟଧିକ ସହନଶୀଳତା ପ୍ରୟୋଗ କଲେ ଏବଂ ଏହା କେବଳ ଏଇଥିପାଇଁ ହିଁ ସମ୍ଭବ ହୋଇଥିଲା ଯେ ସେ ନିଜ ସୈନିକମାନଙ୍କୁ କେବେ ବି ଏପରି ଅସୁବିଧାରେ ପକାଇନଥିଲେ,ଯାହାକୁ ସେ ନିଜେ କେବେ ସହ୍ୟ କରିନଥିବେ । ଯେଉଁଠି ପ୍ରଥମ ଖଲିଫାଙ୍କୁ ଇସଲାମୀୟ ଇତିହାସରେ ଏକ ସ୍ୱତନ୍ତ୍ର ପ୍ରମୁଖ ସ୍ଥାନ ରହିଛି ସେଠାରେ ସୟଦନା ହଜରତ୍ ଖାଲିଦ୍ ର ଅ ମଧ୍ୟ ସେହି ପ୍ରସିଦ୍ଧ ଜେନେରାଲ୍ ମାନଙ୍କ ମଧ୍ୟରୁ ପ୍ରଥମ ଥିଲେ,ଯିଏ ବାହ୍ୟ ଇଲାକାକୁ ଅର୍ଥାତ ବିଦେଶୀ ଅଂଚଳକୁ ଦଖଲ କରିବାରେ ତଥା ବିଶ୍ୱ ରାଜନୈତିକ ଏବଂ ଧାର୍ମିକ ମାନ ଚିତ୍ରକୁ ଏକ ନୂଆ ରୂପ ଦେବା ପାଇଁ ହଜରତ୍ ଅବୁ ବକର୍ ର ଅ ଙ୍କ ସାହାଯ୍ୟକାରୀ ଥିଲେ । ଯେଉଁଭଳି ପ୍ରତ୍ୟେକ ମୁସଲମାନ୍ ହଜରତ୍ ଅବୁ ବକର୍ ର ଅ ଙ୍କ ରାଜନୈତିକ ଏବଂ ଆଧ୍ୟାତ୍ମିକ ମାର୍ଗଦର୍ଶନରେ ଏବଂ ହଜରତ୍ ଖାଲିଦ୍ ର ଅଙ୍କ ସାମରିକ ନେତୃତ୍ୱ ଜରିଆରେ ଇରାକର ଗୋଟିଏ ପ୍ରାନ୍ତରୁ ଆଉ ଏକ ପ୍ରାନ୍ତକୁ ଏକ ଝଡ଼ ସଦୃଶ ମାଡ଼ି ଯାଇଥିଲେ । ଏବେ ସେମାନେ ଅନ୍ୟ ରାଜ୍ୟମାନଙ୍କ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଥିଲେ । ତାହା ଥିଲା ରୋମର ପୂର୍ବାଂଚଳ । (ସିରତ୍ ସୟଦନା ସିଦ୍ଦିକ୍ ଅକବର୍ ଅଜ୍ ଅବୁଲ୍ ନସର୍ ମୁତରଜିମ୍ ,ପୃ-୬୭୯-୬୮୧)

ସେ ଯାହା ବି ହେଉ ଏହା ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ୍ ସମୟର କିଛି ସଂକ୍ଷିପ୍ତ ବିବୃତି । ଆସନ୍ତାକୁ ଏହାର ଅବଶିଷ୍ଟାଂଶ ଉପସ୍ଥାପନ କରାଯିବ । ଯେମିତିକି ମୁଁ କହିସାରିଛି ଯୁଦ୍ଧର ଏହି କ୍ରମ ବର୍ଣ୍ଣନାକୁ ସମାପ୍ତ କରିବ ପାଇଁ କିଛି ଅଧିକା ସମୟ ଲାଗିଯିବ ।

ଆସନ୍ତା ଯୁମ୍ମା (ଶୁକ୍ରବାର)ଇନଶାଅଲ୍ଲାଃ ଜମାତ ଅହେମଦୀୟା ବ୍ରିଟେନର ଜଲସା ସାଲାନା ମଧ୍ୟ ଆରମ୍ଭ ହେବାକୁ ଯାଉଛି । ଦୁଆ କରନ୍ତୁ ଯେ ଅଲ୍ଲାଃତାଲା ପ୍ରତ୍ୟେକ କ୍ଷେତ୍ରରୁ ଏହି ଜଲସାକୁ ବାବରକତ୍ କରନ୍ତୁ । ଯେଉଁମାନେ ଏହି ଜଲସାରେ ଯୋଗ ଦେବାପାଇଁ ଆସୁଛନ୍ତି ,ସେମାନଙ୍କ ଏହା ମଙ୍ଗଳମୟ ଏବଂ ସୁରକ୍ଷିତ ଯାତ୍ରା ହେଉ । ଭଲରେ ଭଲରେ ଏଥିରେ ଆସି ଯୋଗ ଦିଅନ୍ତୁ । ଯେଉଁମାନେ ଡ୍ୟୁଟି ଦେଉଛନ୍ତି ,ସେମାନଙ୍କ ପାଇଁ ମଧ୍ୟ ଦୁଆ (ପ୍ରାର୍ଥନା) କରନ୍ତୁ ଯେ ଅଲ୍ଲାଃତାଲା ସେମାନଙ୍କୁ ନିଜର କର୍ତବ୍ୟ ସଠିକ ଭାବରେ ସମ୍ପାଦନ କରିବାକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେହେତୁ ଦୁଇ ବର୍ଷ ବା ତିନି ବର୍ଷ ବ୍ୟବଧାନରେ ଏହି ଜଲସା ଅନୁଷ୍ଠିତ ହେବାକୁ ଯାଉଅଛି ,ଗତ ବର୍ଷ ଏହି ଜଲସା ହୋଇଥିଲା କିନ୍ତୁ ଏକ ଛୋଟ ଆକାରରେ ହୋଇଥିଲା । ଏବେ ସମ୍ପୂର୍ଣ୍ଣ ଭାବରେ ବଡ଼ ଧରଣର ହେବାକୁ ଯାଉଛି । ତେଣୁ କିଛି ପ୍ରତିବନ୍ଧକ/ଅସୁବିଧା ବି ହୋଇପାରେ ।

ଯାହା ବି ପ୍ରଶାସନିକ ଅସୁବିଧା ବା ଯାହା ବି ଅସୁବିଧାର ସମ୍ମୁଖୀନ ହେବାକୁ ଅଛି,ଅଲ୍ଲାଃତାଲା ସେ ସବୁକୁ ଦୂର କରିଦିଅନ୍ତୁ ।

⌘⌘⌘⌘⌘⌘⌘⌘⌘⌘

## ୧୨୭ ତମ ଜଲ୍‌ସା ସାଲାନା କାଦିଆନ୍

୧୨୭ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୨ ମସିହା ଡ଼ିସେମ୍ବର ମାସର ୨୩, ୨୪ ଏବଂ ୨୫ ତାରିଖ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ତଥା ଶୁଦ୍ଧ ଆତ୍ମାଗୁଡ଼ିକୁ ମାର୍ଗଦର୍ଶନ ମିଳିବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ । ***(ନାଜିର୍ ଇସ୍‌ଲାହ୍ ଓ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

# : ଖୁତ୍‌ବା ଜୁମା :

ଏହି ଜଲସାଃ (ଆଧ୍ୟାତ୍ମିକ ସମାରୋହ) କୌଣସି ସାଂସାରିକ ମେଳା ନୁହେଁ ବରଂ ଅଲ୍ଲାଃ ଏବଂ ତାହାଙ୍କ ରସୁଲ(ଦୂତ)ସ ଆ ସଙ୍କ କଥା ଶୁଣିବା ଏବଂ ତାହା ମୁତାବକ ନିଜକୁ ପରିଚାଳିତ କରିବା ପାଇଁ ଆମେମାନେ ଏଠାରେ ଏକତ୍ରିତ ହୋଇଥାଉ ।

---

ଏ ଦୁନିଆ ଚେଷ୍ଟା କରିଥାଏ ଯେ କିପରି ତାଙ୍କୁ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରିବା ପାଇଁ ଲୋକ ମିଳିଯାଆନ୍ତୁ । କିନ୍ତୁ ଜମାଅତ୍ ଅହେମଦୀୟାର ଇତିହାସ ସମ୍ପୂର୍ଣ୍ଣ ରୂପେ ଏହାର ବିପରୀତ ଦୃଷ୍ଟାନ୍ତ ଉପସ୍ଥାପନ କରିଥାଏ ଯେ ଏତେ ସଂଖ୍ୟକ ସ୍ୱେଚ୍ଛାସେବକ ଆସି ପହଂଚିଯାଇଥାନ୍ତି ଯେ ପରିଚାଳନାକାରୀ ଦ୍ୱିବିଧାରେ ପଡ଼ିଯାଆନ୍ତି ଯେ ସେମାନଙ୍କୁ କିପରି ସମ୍ଭାଳିବେ ।

ଜଲସାଃର ଏହି ତିନି ଦିନ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଅତିଥିମାନଙ୍କ ସେବା ଏପରି ଆନ୍ତରିକତାର ସହିତ କରିବା ଯେ ସେମାନଙ୍କୁ ସର୍ବଦା ଏହା ଅନୁଭବ ହେଉ ଏବଂ ସେମାନଙ୍କ ହୃଦୟରେ ଏ ଛାପ ରହିଯାଉ ଯେ ଆମେ ଆମ ଅଫିସରମାନଙ୍କଠାରୁ ବା କୌଣସି ଅତିଥିଙ୍କ ଠାରୁ ଆମର ଏହି ସେବାକାର୍ଯ୍ୟ ପାଇଁ ଆମେ କୌଣସି ପୁରସ୍କାର ପାଇବାର ଆଶା ରଖିନାହୁଁ

ଜଲସାଃ ସାଲାନାଃ ବ୍ରିଟେନ୍ ୨୦୨୨ ଅବସରରେ ଅତିଥି ସତ୍କାରକ ଏବଂ ଅତିଥିମାନଙ୍କୁ ନିଜ ନିଜର କର୍ତବ୍ୟ ସମ୍ପାଦନ କରିବା ପ୍ରତି କିଛି ଉପଦେଶ ।

ଜଲସାଃ ଦିନ ଗୁଡ଼ିକରେ ଚିରାଚରିତ ଦୁଆ (ପ୍ରାର୍ଥନା) କରିବା ସହିତ ଦରୁଦ୍ ଶରିଫ୍ ପାଠ କରିବା ପାଇଁ ଉପଦେଶ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ**
**(ପ୍ରଦତ୍: ୦୫ ଅଗଷ୍ଟ ୨୦୨୨ ଅନୁଯାୟୀ ୦୫ ଜହୁର୍ ୧୪୦୧ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- اَلرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଅଲ୍ଲାଙ୍କ କୃପାରୁ ଏବର୍ଷ ଜଲସାଃ ସାଲାନାଃ ବ୍ରିଟେନ୍ ୨୦୧୯ ପରେ ପୁନର୍ବାର ଅନୁଷ୍ଠିତ ଏକ ବଡ଼ ଧରଣର ଆୟୋଜିତ ହେବାକୁ ଯାଉଅଛି । ଗତ ବର୍ଷ ମଧ୍ୟ ଜଲସାଃ ସାଲାନାଃ ଅନୁଷ୍ଠିତ ହୋଇଥିଲା କିନ୍ତୁ ସୀମିତ ସଂଖ୍ୟକ ଲୋକଙ୍କର ଉପସ୍ଥିତି ସହିତ ହୋଇଥିଲା । ଯଦିଓ ଏବର୍ଷ ବି ଏହି ଜଲସାଃ ସାଲାନାଃ କେବଳ ବ୍ରିଟେନ୍ ଜମାଅତ୍‌ର ଲୋକମାନଙ୍କ ପାଇଁ ରହିଛି ଏବଂ ବିଦେଶୀ ଅତିଥିମାନେ ବହୁତ କମ୍ ସଂଖ୍ୟାରେ ଯୋଗ ଦେଉଛନ୍ତି । କିନ୍ତୁ ଏହି ତିନି ଦିନ ଇନଶାଅଲ୍ଲାଃ ତାଲା ବିଟ୍ରେନ୍‌ର ସମସ୍ତ ଜମାଅତର ଲୋକମାନଙ୍କୁ ଏହି ଜଲସାଃ ସାଲାନାଃରେ ଯୋଗ ଦେବା ପାଇଁ ଅନୁମତି ଦିଆଯାଇଅଛି । ଆଶା ଅଛି ଇନଶାଅଲ୍ଲାଃ ଏହି ଜଲସାଃ ସାଲାନାଃରେ ଲୋକମାନଙ୍କର ଭଲ ଉପସ୍ଥାନ ରହିବ ।

ଯେମିତି କି ଆମେ ସମସ୍ତେ ଜାଣିଛନ୍ତି ଯେ କୋଭିଡ୍ ମହାମାରୀ ଯୋଗୁଁ ନିୟମିତ ଜାରି ରହିଆସିଥିବା ଏହି ଜଲସାଃ ସାଲାନାଃର ଧାରାକୁ ଏକ ବର୍ଷ ପାଇଁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବାକୁ ପଡ଼ିଲା,ଫଳତଃ ଜଲସାଃ ସାଲାନାଃର ବରକତ୍ (ଆଶୀଷ)ରୁ ଆମେମାନେ ନିୟମିତ ଲାଭ ଉଠାଇ ପାରେଲେ ନାହିଁ । ଚଳିତ ବର୍ଷ ବି ଏହି ମହାମାରୀର ପାଦୁର୍ଭାବ କମ୍ ବେଶି ହୋଇଚାଲିଛି । ବର୍ତମାନ ଏହି ରୋଗ ସମ୍ପୂର୍ଣ୍ଣ ରୂପେ ସମାପ୍ତ ବି ହୋଇ ନାହିଁ । ବରଂ କିଛି ଇଲାକର, ଏଠାରେ ବି ଏବଂ ଅନ୍ୟ କିଛି ଦେଶମାନଙ୍କରେ ବି ଏହି ମହାମାରୀ ବିଗତ ଦିନ ଅପେକ୍ଷା ବଢ଼ିଛି । କିନ୍ତୁ ସରକାରଙ୍କ ତରଫରୁ ଲୋକମାନଙ୍କର ଏକାଠି ହେବା ପାଇଁ ଯେଉଁ ପ୍ରତିବନ୍ଧକ ଥିଲା, ତାହା ଏବେ ସେତେ ମାତ୍ରାରେ ନାହିଁ । କିନ୍ତୁ ଏହାର ଅର୍ଥ ନୁହେଁ ଯେ ଆମେ ସମସ୍ତେ ସତର୍କମୂଳକ ପଦକ୍ଷେପକୁ ଶେଷ କରିଦେବା ଉଚିତ ।

ସମସ୍ତ ସତର୍କମୂଳକ ଦିଗକୁ ଏହି ଜଲସାଃ ସାଲାନାଃରେ ସାମିଲ ହେଉଥିବା ଲୋକମାନେ ଧ୍ୟାନରେ ରଖିବା ଉଚିତ ଏବଂ ସେ ସବୁର ଅନୁସରଣ କରିବା ଉଚିତ ।

ସତର୍କମୂଳକ ପଦେକ୍ଷପ ମଧ୍ୟରେ ଗୋଟିଏ ହେଉଛି ଏହା ଯେ ସମସ୍ତ ଅଂଶଗ୍ରହଣକାରୀମାନେ ଜଲସାଃ ଗାହ୍ (ସମାରୋହ ଗୃହ)ରେ ବସିଥିବା ବେଳେ ସେହିପରି ଡ୍ୟୁଟି ଦେଉଥିବା ସ୍ୱେଚ୍ଛାସେବକମାନେ ଯେବେ ବି ନିଜର କର୍ତବ୍ୟ ସମ୍ପାଦନ କରୁଛନ୍ତି ବା ବାହରେ ବୁଲୁଛନ୍ତି,ସବୁ ସମୟରେ ସମସ୍ତେ ମାସ୍କ ପିନ୍ଧିବା ଆବଶ୍ୟକ । ସେହିପରି ଇନ୍ତେଯାମିୟା(ଆୟୋଜକମାନେ) ମଧ୍ୟ ଚଳିତ ବର୍ଷ ଏପରି ପ୍ରୟାସ କରୁଛନ୍ତି ଯେ ସକାଳେ ଆସିବା ସମୟରେ ଏବଂ ଏଠାରୁ ଲେଉଟିବା ସମୟରେ,ଡ଼ାକ୍ତରଙ୍କ ଅନୁସାରେ ଏହି ରୋଗପାଇଁ ପ୍ରତିଷେଧକ ଭାବରେ ଯେଉଁ ଉଚିତ ଔଷଧ ରହିଛି,ସେହି ହୋମିଓପ୍ୟାଥିକ୍ ଔଷଧଗୁଡ଼ିକୁ ବଂଟନ କରାଯିବାର ବ୍ୟବସ୍ଥା କରିଛନ୍ତି । ଅଲ୍ଲାଃତାଲା ଏହି ଔଷଧରେ ଆରୋଗ୍ୟ ପ୍ରଦାନ କରନ୍ତୁ । ଔଷଧରେ ଆରୋଗ୍ୟ ପ୍ରଦାନ କରିବା ହେଉଛି ଅଲ୍ଲାଃତାଲାଙ୍କ କାମ କିନ୍ତୁ ଆମକୁ ବ୍ୟବହାରିକ ପ୍ରୟାସ କରିବ ଉଚିତ । ଏହି ପରିପ୍ରେକ୍ଷୀରେ ମୁଁ ଏହି ଜଲସାଃରେ ସାମିଲ୍ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏହା କହିବି ଯେ ସେମାନେ ଏହି କାର୍ଯ୍ୟରେ ସମ୍ପୃକ୍ତ ସମସ୍ତ କାର୍ଯ୍ୟକର୍ତାଙ୍କ ସହିତ ସହଯୋଗ କରନ୍ତୁ । ଜଲସାଃ ପ୍ରସଙ୍ଗରେ ମୁଁ କାର୍ଯ୍ୟକର୍ତାମାନଙ୍କୁ ,ସ୍ୱେଚ୍ଛାସେବକମାନଙ୍କୁ ,ଯେଉଁମାନେ ନିଜର ବହୁମୂଲ୍ୟ ସମୟକୁ ହଜରତ୍ ମସିହ ମଉଦ୍ ଆ ସଙ୍କ ଅତିଥିମାନଙ୍କ ସେବାରେ ଅତିବାହିତ କରୁଛନ୍ତି,ସେମାନଙ୍କୁ ମୁଁ ସାଧାରଣତଃ ଜଲସାଃ ସାଲାନାଃର ଏକ ସପ୍ତାହ ପୂର୍ବରୁ ଖୁତବା ଯୁମାରେ କେତେକ କଥା ପ୍ରତି ଉପଦେଶ ଦେଇଥାଏ । ଗତ ଖୁତବାଃରେ ମୁଁ ଏଥିପ୍ରତି ଧ୍ୟାନ ଦେଇପାରିଲି ନାହିଁ । ତେଣୁ ଆଜି ମୁଁ ଏ ବିଷୟରେ କିଛି କଥା କହିବି । ଏତଦ୍ୱାରା ନୂଆ ସାମିଲ୍ ହୋଇଥିବା କିଛି ପିଲା ,ଯୁବକ ଏବଂ ଡ୍ୟୁଟିରେ ସାମିଲ୍ ହୋଇଥିବା ନୂଆ ଲୋକମାନଙ୍କର ମଧ୍ୟ ଏଥିପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ । ଗତ ତିନି ବର୍ଷ ମଧ୍ୟରେ ପାକିସ୍ତାନରୁ ମଧ୍ୟ ଏଠାକୁ ବହୁତ ଲୋକ ଆସିଛନ୍ତି,ଯେଉଁମାନଙ୍କର ଏହି ଜଲସାଃ ସାଲାନାଃରେ ଡ୍ୟୁଟି ଦେବା ବିଷୟରେ କିଛି ଅଭିଜ୍ଞତା ନାହିଁ । ବହୁତ ଦିନ ସେଠାରେ ଜଲସାଃ ବି ଅନୁଷ୍ଠିତ ହୋଇନାହିଁ । ସେମାନଙ୍କୁ ଏଥି ପ୍ରତି ଧ୍ୟାନ ଆକର୍ଷଣ କରାଇଲେ,ସେମାନଙ୍କୁ ଏହି କର୍ତବ୍ୟ ବିଷୟରେ ସଚେତନତା ସୃଷ୍ଟି ହେବ । ସେହିପରି ଏଠାରେ କାର୍ଯ୍ୟରତ,ସେମାନଙ୍କର ବି ଲାଭ ହୋଇଯିବ । ସେ ଯାହା ବି ହେଉ ମୁଁ ଏଠାରେ ସଂକ୍ଷିପ୍ତରେ ଏ ସମ୍ବନ୍ଧରେ କିଛି କହିବି । ଏତଦ୍ ବ୍ୟତୀତ ଏଠାକୁ ଆସିଥିବା ଅତିଥିମାନଙ୍କୁ ବି କିଛି କଥା ସ୍ମରଣ କରାଇଦେବାକୁ ଚାହିଁବି । ଯଦି ଆମେ ଏହି ସବୁ କଥା ପ୍ରତି ଧ୍ୟାନ ଦେବା ତା'ହେଲେ ଏହି ଜଲସାଃର ପ୍ରକୃତ ବାତାବରଣରୁ ଆମେ ଉପକୃତ ହୋଇପାରିବା । ଇନଶାଅଲ୍ଲାଃ ତାଲା ।

ହଜରତ୍ ମସିହ୍ ମଉଦ୍ ଆ ସ କହିଛନ୍ତି ଯେ ଏହି ଜଲସାଃ କୌଣସି ସାଂସାରିକ ପର୍ବ/ମେଳା ନୁହେଁ । (ଉଦ୍ଧୃତାଂଶ ପୁସ୍ତକ ଶାହାଦତୁଲ୍ କୁରଆନ୍ ,ରୁହାନୀ ଖଜାଇନ୍ ,ଖ-୦୬ ପୃ-୩୯୫)

ବରଂ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ କଥାକୁ ଶୁଣିବା ଏବଂ ତାହା ମୁତାବକ ନିଜକୁ ପରିଚାଳିତ କରିବା ପାଇଁ ଆମେମାନେ ଏଠାର ଉପସ୍ଥିତ ହୋଇଥାଉ ଏବଂ ହୋଇଅଛୁ । ଯେତେବେଳେ ଆମେ ଅଲ୍ଲାଃ ଏବଂ ତାହାଙ୍କ ରସୁଲଙ୍କ କଥା ମୁତାବକ ପରିଚାଳିତ ହୋଇଥାଉଁ,ସେତେବେଳେ ଅଲ୍ଲାଙ୍କ ପ୍ରତି ଥିବା କର୍ତବ୍ୟ ଏବଂ ଲୋକମାନଙ୍କ ପ୍ରତି ଥିବା କର୍ତବ୍ୟକୁ ସଠିକ ଭାବରେ କରିପାରିବା । ସେ ଯାହା ବି ହେଉ ଯେମିତି କି ମୁଁ କହିଲି ଯେ ମୁଁ ସର୍ବ ପ୍ରଥମେ କାର୍ଯ୍ୟକର୍ତା (ସ୍ୱେଚ୍ଛାସେବକ)ମାନଙ୍କୁ କିଛି କଥା କହିବାକୁ ଚାହିଁବି । ମାସ୍କ ବିଷୟରେ ଏବଂ ଔଷଧ ବିଷୟରେ ମୁଁ ପ୍ରଥମେ ତୁମକୁ କହିସାରିଛି । ସେ ସବୁକୁ ପାଳନ କରନ୍ତୁ । ଅଲ୍ଲାଙ୍କ କୃପାରୁ ଆମ ଯୁବକମାନେ

,ପିଲାମାନେ,ବୃଦ୍ଧମାନେ ଏବଂ ମହିଳାମାନେ ମଧ୍ୟ ଏଥି ପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି । ଏହାର ମହତ୍ୱକୁ ବୁଝନ୍ତି ଯେ ଆମେ ଏହି ଜଲସାଃରେ ଯୋଗ ଦେଇଥିବା ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଅତିଥିମାନଙ୍କର ସେବା କରିବା ପାଇଁ ନିଜକୁ ଉପସ୍ଥାପନ କରିବୁ ଏବଂ ଭଲ ଭାବରେ ଏହି ସେବାକାର୍ଯ୍ୟ କରିବୁ । ସେହି ସେବାକାରୀମାନେ ଯେ କୌଣସି ବୃତି ସହ ଜଡ଼ିତ ଥାଆନ୍ତୁ ବା କୌଣସି ପରିବାର/ବଂଶ ସହିତ ଜଡ଼ିତ ଥାଆନ୍ତୁ କିମ୍ବା ଧନୀ ହୋଇଥାନ୍ତୁ କି ଗରିବ, ସମସ୍ତେ ଏହି ସେବା କରିବା ମନୋବୃତି ନେଇ ଆସିଥାନ୍ତି । ଜଲସାଃର କର୍ଯ୍ୟ କେବଳ ଏହି ତିନି ଦିନରେ ହିଁ କରାଯାଇନଥାଏ । ବରଂ ଏହା ଅନେକ ସପ୍ତାହ ପୂର୍ବରୁ ଆରମ୍ଭ ହୋଇଯାଇଥାଏ । ଏବେ ତ ଏମ୍ ଟି ଏ ଆମ ଖବରରେ ଏବଂ ଛୋଟ ଛୋଟ କ୍ଲିପ୍ସ (clips) ଆକାରରେ ଏହି ଖବର ସବୁ ପ୍ରସାରଣ କରୁଛି ଯେ କିପରି ଏଠାରେ କାମ ଚାଲିଛି । କିଛି କାମ ବାହ୍ୟ କମ୍ପାନୀ ତଥା କ୍ରଂଟାକ୍ଟରଙ୍କ ଦ୍ୱାରା କରାଯାଇଥାଏ କିନ୍ତୁ ଏତଦବ୍ୟତୀତ ମଧ୍ୟ ଅନେକ କାର୍ଯ୍ୟ ଏପରି ରହିଛି ଯାହା ପାଇଁ ମାନବସମ୍ବଳର ଆବଶ୍ୟକତା ରହିଥାଏ । ଏହି କାର୍ଯ୍ୟକୁ ସ୍ୱେଚ୍ଛାସେବକମାନେ ନିଜର ସମୟକୁ ବଳିଦାନ ଦେଇ,ନିଜର ସେବା ପ୍ରଦାନ କରି ସମ୍ପାଦନ କରିଥାନ୍ତି । ଯେମିତି କି ମୁଁ ଏହା କହି ସାରିଛି ଯେ ଏହି କାର୍ଯ୍ୟକୁ କରିବା ନିମନ୍ତେ ପ୍ରତ୍ୟେକ ଶ୍ରେଣୀ/ବୃତିର ଲୋକମାନେ ଅନ୍ତର୍ଭୁକ୍ତ ଅଛନ୍ତି ।

ଏ ଦୁନିଆ ଚେଷ୍ଟା କରିଥାଏ ଯେ କିପରି ତାଙ୍କୁ ସ୍ୱେଚ୍ଛାକୃତ ଭାବରେ କାର୍ଯ୍ୟ କରିବା ପାଇଁ ଲୋକ ମିଳିଯାଆନ୍ତୁ । କିନ୍ତୁ ଜମାଅତ୍ ଅହେମଦୀୟାର ଇତିହାସ ସମ୍ପୂର୍ଣ୍ଣ ରୂପେ ଏହାର ବିପରୀତ ଦୃଷ୍ଟାନ୍ତ ଉପସ୍ଥାପନ କରିଥାଏ ଯେ ଏତେ ସଂଖ୍ୟକ ସ୍ୱେଚ୍ଛାସେବକ ଆସି ପହଂଚିଯାଇଥାନ୍ତି ଯେ ପରିଚାଳନାକାରୀ ଦ୍ୱିବିଧାରେ ପଡ଼ିଯାଆନ୍ତି ଯେ ସେମାନଙ୍କୁ କିପରି ସମ୍ଭାଳିବେ ।

ଜଲସାଃର ନିୟମିତ ଡ୍ୟୁଟି ସିଡୁଲ୍ ର ଚାର୍ଟ ପୂର୍ବରୁ ହିଁ ତିଆରି ସରିଥାଏ । ପ୍ରୋଗ୍ରାମ ପ୍ରଥମେ ପ୍ରସ୍ତୁତ ହୋଇଥାଏ । ପ୍ରତ୍ୟେକ ବିଭାଗକୁ ଆବଶ୍ୟକତା ଅନୁଯାୟୀ କାର୍ଯ୍ୟକର୍ତାମାନଙ୍କୁ ଯୋଗାଇଦେବାପାଇଁ ଚେଷ୍ଟା ପ୍ରୟାସ କରାଯାଇଥାଏ । ତାହ କରା ବି ଯାଇଥାଏ । କିନ୍ତୁ ଜଲସାଃ ପୂର୍ବରୁ ଯେଉଁ ସବୁ ଓ୍ୱକାରେ ଅମଲ୍ କାର୍ଯ୍ୟ କରାଯାଇଥାଏ ବା ଜଲସାଃ ପରେ ବି ଯେଉଁ ଓ୍ୱକାରେ ଅମଲ୍ କାର୍ଯ୍ୟ କରାଯାଏ,ତାହା କରିବା ପାଇଁ ବେଳେ ବେଳେ ଆଶା କରାଯାଉଥିବା ଲୋକଙ୍କ ଅପେକ୍ଷା ଅଧିକା ଲୋକ ଆସିଯାଇଥାନ୍ତି । କାରଣ ଏଇଥିପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଥାଏ । ଗତ ରବିବାର ଦିନ ଏତେ ସଂଖ୍ୟକ ସ୍ୱେଚ୍ଛାସେବକ ହଦିକତୁଲ୍ ମେହେଦୀ ଠାରେ ଏକାଠି ହୋଇଯାଇଥିଲେ,ଯାହାର ଅନୁମାନ ପରିଚାଳକମାନଙ୍କୁ ବି ନଥିଲା । ମୁଁ ଜାଣିବାକୁ ପାଇଲି ଯେ ସେମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ସଠିକ ଭାବରେ ହୋଇପାରିଲା ନାହିଁ । ଯଦିଓ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ଏହା ଆବଶ୍ୟକ ଥିଲା ଯେ ସେମାନେ ଏଥିପ୍ରତି ଧ୍ୟାନ ଦେଇଥାନ୍ତେ ଯେ ଏତେ ସଂଖ୍ୟାରେ ଲୋକ ଆସିବେ,ତେଣୁ ସେମାନଙ୍କ ପାଇଁ ବ୍ୟବସ୍ଥା କରିଥାନ୍ତେ । ଏ କାମ ଜିଆଫତ୍ (ଅତିଥି ସତ୍କାର ବିଭାଗ)ର ଦାୟିତ୍ୱ ଥିଲା । ଏହି ସ୍ୱେଚ୍ଛାସେବକ ମାନେ କେବଳ ଖାଇବା ସମୟରେ ତ ଏକାଠି ହୋଇନଥିବେ । ଏମାନେ ସକାଳୁ ସେଠାରେ କାମ କରୁଥିବେ ବା ସେଠାରେ ଉପସ୍ଥିତ ଥିବେ । ମୋ ମତରେ ଯେବେ ଗତ ଖୁତବାରେ ମୁଁ ଶେଷରେ ଜଲସାଃ ପ୍ରସଙ୍ଗରେ ଦୁଆ କରିବା ପାଇଁ କହିଥିଲି,ଏବଂ ଯେଉଁମାନେ କାମ କରୁଛନ୍ତି ସେମାନଙ୍କ ନିମନ୍ତେ ଦୁଆ କରିବା ପାଇଁ କହିଲି,ତୁରନ୍ତ ଏକ ଉତ୍ସାହର ସହିତ ଅନ୍ୟ ଲୋକମାନେ ମଧ୍ୟ ନିଜକୁ ଏହି ସେବା କାର୍ଯ୍ୟ ପାଇଁ ପେଶ୍ କରିଥିଲେ । କିନ୍ତୁ ସେ ଯାହା ବି ହେଉ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ସେମାନଙ୍କ ପାଇଁ ବ୍ୟବସ୍ଥା କରିବାର ଥିଲା । ବିଶେଷ ଭାବରେ weekends ରେ ସେମାନଙ୍କର ବେଶେଷ ବ୍ୟବସ୍ଥା କରିବା ଉଚିତ୍ । ଜିଆଫତ୍ ବିଭାଗକୁ ଆସନ୍ତା ଭବିଷ୍ୟତ ପାଇଁ ଏ କଥା ପ୍ରତି ଧ୍ୟାନ ଦେବା ଉଚିତ ।

ସେହିପରି ଜିଆଫତ୍ ବିଭାଗର କାର୍ଯ୍ୟ ବି ଏହା କି ଯେ ସେ ସାଧାରଣତଃ ଏହି ଜଲସାଃ ଦିନଗୁଡ଼ିକରେ ମଧ୍ୟ ପ୍ରଚୁର ମାତ୍ରାରେ ଖାଦ୍ୟ ପ୍ରସ୍ତୁତ କରି ରଖନ୍ତୁ । ଏହି ବର୍ଷ ଯେଉଁ ଜଲସାଃ ଅନୁଷ୍ଠିତ ହେଉଅଛ,ଯେହେତୁ ଏବର୍ଷ ଆକଳନ ସଠିକ ଭାବରେ ହୋଇପାରିନାହିଁ ,କାରଣ କେତେକ ଲୋକେ ଏହା ଭାବୁଛନ୍ତି ଯେ ଜଣାନାହିଁ ଏହି ମହାମାରୀ ଯୋଗୁଁ ଲୋକମାନେ ଆସିବେ କି ନାହିଁ ,କିଛି ଭୟରେ ଆସିବେ କି ନାହିଁ । ଆଉ କେତେକ ଏହା ଭାବୁଛନ୍ତି ଯେ ଏତେ ବର୍ଷ ପରେ ଜଲସାଃ ଅନୁଷ୍ଠିତ ହେଉଛି,ତେଣୁ ନିଶ୍ଚିତ ଭାବେ ଆସିବେ । କିନ୍ତୁ ସାଧାରଣତଃ ଆମ ଇନ୍ତେଜାମିୟା (ପରିଚାଳନା ଦାୟିତ୍ୱରେ ଥିବା ପରିଚାଳକ)ଙ୍କର ଭାବନା ନକାରାତ୍ମକ ଦିଗକୁ ଚାଲି ଯାଉଛି । ବିଶେଷ ଭାବରେ ଭୋଜନ ବ୍ୟବସ୍ଥା ପାଇଁ ଏବଂ ଜିଆଫତ ସମ୍ବନ୍ଧରେ ଯେତେବେଳେ ଖର୍ଚ୍ଚ କରିବାର ପ୍ରଶ୍ନ ଉଠିଥାଏ,ସେତେବେଳେ ଏପରି ନକାରାତ୍ମକ ଭାବନା ସୃଷ୍ଟି ହୋଇଯାଇଥାଏ । ଅଧିକା ମାତ୍ରାରେ ଖାଦ୍ୟ ପ୍ରସ୍ତୁତ କରିବା ପରିବର୍ତେ ସେମାନେ ଏ ଆଶା ରଖିଥାନ୍ତି ଯେ କମ୍ ଖାଦ୍ୟ ପ୍ରସ୍ତୁତ କର,କାଳେ କମ୍ ଲୋକ ଆସିବେ କି ! ଏପରି ଭାବନା ସମ୍ପୂର୍ଣ୍ଣ ରୂପେ ଭୂଲ୍ ।

ଜିୟଫତ(ଅତିଥି ସତ୍କାରକ)ଙ୍କ ଦାୟିତ୍ୱ ହେଉଛି ଏହା କି ଯେଉଁ ଅତିଥିମାନେ ଆସୁଛନ୍ତି ,ସେମାନଙ୍କର ଭଲ ଭାବରେ ଅତିଥି ସତ୍କାର କରନ୍ତୁ ।

ଠିକ୍ ସେହିପରି ଖାଦ୍ୟ ସମ୍ବନ୍ଧରେ ମୁଁ ଏ ନିର୍ଦ୍ଦେଶ ଦେବାକୁ ଚାହିଁବି ଯେ ଆଜିକାଲି ଗ୍ରୀଷ୍ମ ଦିନ ଚାଲିଛି,ତେଣୁ ଜିୟାଫତ୍ ବିଭାଗର ଏ କର୍ତବ୍ୟ ଯେ ଯେତେବେଳେ ମାଂସ କଟା ଚାଲିଥିବା ସଙ୍ଗେ ସଙ୍ଗେ ଅଳ୍ପ ଅଳ୍ପ ମାଂସ ଯଥା ଶୀଘ୍ର ଚିଲର୍ (Chiller) ଭିତରକୁ ପଠାଇଦେବା ଉଚିତ୍ । ଏପରି ନହେଉ କି ସାରା ଦିନ ସେଠାରେ ମାଂସ ପଡ଼ିରହି ଖରାପ ହୋଇଯାଉ,ଏବଂ ଲୋକମାନେ ଖାଇ ବିମାର ପଡ଼ନ୍ତୁ । ସେହିପରି ବାକି ଖାଦ୍ୟଗୁଡ଼ିକ ପ୍ରତି ମଧ୍ୟ ଧ୍ୟାନ ଦେଇ ସନ୍ତୁଷ୍ଟି କରିନେବା ଉଚିତ୍ । ସେ ଯାହା ବି ହେଉ ଯେଉଁ ଲୋକମାନେ ସେବା କାର୍ଯ୍ୟ କରିବା ପାଇଁ ସ୍ୱେଚ୍ଛାସେବକ ରୂପେ ଆସିଥିଲେ,ଯେଉଁମାନଙ୍କ ସମ୍ବନ୍ଧରେ ମୁଁ ପୂର୍ବରୁ କହୁଥିଲି,ସେମାନେ ତ ସେବାକାର୍ଯ୍ୟ କରିବାକୁ ଆସିଥିଲେ । ସେମାନଙ୍କୁ ଖାଦ୍ୟ ମିଳିଲା କି ନାହିଁ ,ସେମାନେ ତ ନୀରବରେ ଚୁପଚାପ୍ ଚାଲିଗଲେ । କିନ୍ତୁ ଇନ୍ତେଜାମିୟା (ପରିଚାଳକମାନଙ୍କ)ର ଗୋଟିଏ ଦୃବଳତା ସାମ୍ନାକୁ ଆସିଗଲା ।

କାରକୁନ୍ (କର୍ମୀ)ମାନଙ୍କୁ ମଧ୍ୟ ମୁଁ ଏହା କହିବାକୁ ଚାହିଁବି ଯେ ଜଲସାଃର ଏହି ତିନି ଦିନରେ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଅତିଥିମାନଙ୍କର ଏମିତି ଆନ୍ତରିକତାର ସହିତ ସେବା କରନ୍ତୁ ଯେ ସେମାନଙ୍କୁ ସର୍ବଦା ଏହା ଅନୁଭବ ହେଉ ଏବଂ ସେମାନଙ୍କ ମନରେ ଏ ଛାପ ରହିଯାଉ କି ଆମକୁ ଆମ ଅଫିସରମାନଙ୍କଠାରୁ ବା କୌଣସି ଅତିଥିଙ୍କ ଠାରୁ ଆମର ଏହି ସେବାକାର୍ଯ୍ୟ ପାଇଁ ଆମେ କୌଣସି ପୁରସ୍କାର ପାଇବାର ଆଶା ରଖିନାହୁଁ । ବରଂ ଅଲ୍ଲାଃତାଲାଙ୍କ ଖୁସି ଖାତିର୍ ଆମକୁ ଏହି ଅତିଥିମାନଙ୍କର ସେବା କରିବା ଉଚିତ୍ । ଆମକୁ ସେହି ସାହାବି ଏବଂ ତାଙ୍କ ପତ୍ନୀଙ୍କ ଆଦର୍ଶକୁ ଆଖି ଆଗରେ ରଖିବା ଉଚିତ ଯିଏ ନିଜ ପିଲାମାନଙ୍କୁଭୋକିଲା ଶୁଆଇଦେଇଥିବା ସହିତ ନିଜେ ବି ଭୋକିଲା ରହିଥିଲେ,କିନ୍ତୁ ଅତିଥିଙ୍କର ଆତିଥ୍ୟତାକୁ ଉତମ ରୂପେ ନିର୍ବାହ କରିଥିଲେ । ସେ ଆଲୋକକୁ ବୁଝାଇଦେଇ ଅତିଥିମାନଙ୍କ ଉପରେ ଏକଥା ପ୍ରକାଶ କରିବାକୁ ଚାହିଁଲେ ଯେ ସେମାନେ ବି ତାଙ୍କ ସହିତ ଖାଦ୍ୟ ଖାଇବାରେ ସାମିଲ୍ ଅଛନ୍ତି । ପୁଣି ଅଲ୍ଲାଃତାଲା ତାଙ୍କର ଏହି କାର୍ଯ୍ୟକୁ ଏତେ ପ୍ରଶଂସା କଲେ ଯେ ଆଁ ହଜରତ୍ ସ ଆ ସଙ୍କୁ ମଧ୍ୟ ଏହାର ସୂଚନା ଦେଇଦେଲେ । ତା ପର ଦିନ ଆଁ ହଜରତ୍ ସ ଆ ସ ସେହି ସାହାବିଙ୍କୁ କହିଲେ ଯେ ତୁମର ରାତି ବୋଲା ଯୋଜନା ଅର୍ଥାତ୍ ସେହି ଅତିଥିଙ୍କୁ ଖାଇବାକୁ ଦେବାପାଇଁ ଯେଉଁ ଉପାୟ ଥିଲା,ସେଥିରେ ଅଲ୍ଲାଃତାଲା ମଧ୍ୟ ହସିଲେ । ଅଲ୍ଲାଃତାଲା ସେଥିପାଇଁ ବହୁତ ଖୁସି ହେଲେ ଏବଂ ହସିଲେ । ପବିତ୍ର କୁରଆନରେ ମଧ୍ୟ ଅଲ୍ଲାଃତଲା ଏପରି ବଳିଦାନ କରୁଥିବା ଲୋକମାନଙ୍କ ବିଷୟରେ ଉଲ୍ଲେଖ କରିଛନ୍ତି ।

ଏହି ବଳିଦାନ କରୁଥିବା ଲୋକମାନେ ନିସ୍ୱାର୍ଥପର ହୋଇ ବଳିଦାନ କରିଥାନ୍ତି । ଏହି ଲୋକମାନେ ହିଁ ସଫଳତା ଲାଭ କରିଥାନ୍ତି । (ସହି ବୁଖାରୀ ,କିତାବୁଲ୍ ମନାକିବୁଲ୍ ଅନସାର୍ ,ବାବ୍ କୌଲୁଲ୍ଲାଃ.....,ହଦିସ୍ ନଂ-୩୭୯୮)

ଅତେବ୍ ଏହା ଥିଲା ସାହାବାମାନଙ୍କ ଅତିଥିସତ୍କାର କରିବାର ଏବଂ ଅତିଥିମାନଙ୍କ ସେବା କରିବାର ଉପାୟ ।

କେଡ଼େ ଭାଗ୍ୟବାନ ସେହି ଲୋକମାନେ, ଯେଉଁମାନେ ଅଲ୍ଲାଃତାଲାଙ୍କୁ ଖୁସି ରଖିବା ଖାତିର୍ ଅତିଥିମାନଙ୍କର ସେବା କରୁଛନ୍ତି ଏବଂ ସେମାନଙ୍କ ହକକୁ ପ୍ରଦାନ କରିବା ପାଇଁ ଚେଷ୍ଟା କରୁଛନ୍ତି । ପୁଣି ଅତିଥି ବି ଏମିତି ଯେଉଁମାନେ ଏ ଯୁଗର ଇମାମଙ୍କ ଡ଼ାକିବାରେ ଏଠାକୁ ଆସିଛନ୍ତି । ଅଲ୍ଲାଃତାଲା ଏବଂ ତାହାଙ୍କ ରସୁଲଙ୍କ କଥାକୁ ଶୁଣିବା ପାଇଁ ଆସିଛନ୍ତି । ଯେଉଁମାନେ ଅଲ୍ଲାଃତାଲାଙ୍କ ସାନିଧ୍ୟ ହାସିଲ୍ କରିବା ମନୋଭାବ ନେଇ ଏଠାକୁ ଆସିଛନ୍ତି । ଅତେବ୍ ବହୁତ ଭାଗ୍ୟଶାଳୀ ହେଉଛନ୍ତି ସେହି ସମସ୍ତ ସ୍ୱେଚ୍ଛାସେବୀମାନେ, ଯେଉଁମାନେ ଅଲ୍ଲାଃଙ୍କୁ ଖୁସି କରିବା ଖାତିର୍ ଆସିଥିବା ଅତିଥିମାନଙ୍କର ସେବା କରୁଛନ୍ତି ।

ଯେତେବେଳେ ବହୁ ସଂଖ୍ୟକ ଲୋକେ ଆସିଥାନ୍ତି,ସେତେବେଳେ ବିଭିନ୍ନ ସ୍ୱଭାବର ଲୋକମାନେ ବି ଆସିଥାନ୍ତି । କିଛି ଲୋକେ ଟିକିଏ ଅଧିକା ଗରମ ମିଜାଜର ମଧ୍ୟ ଥାଆନ୍ତି ଏବଂ ସେମାନଙ୍କ ମଧ୍ୟରୁ କିଛି ଲୋକେ ରାଗରେ କାରକୁନ୍ (ସ୍ୱେଚ୍ଛାସେବକ)ମାନଙ୍କୁ ସମ୍ବୋଧନ କରିଥାନ୍ତି ବା କଡ଼ା ଭାଷା ପୟୋଗ କରି କିଛି ମାଗିଥାନ୍ତି କିନ୍ତୁ କାରକୁନମାନଙ୍କର କାମ ହେଉଛି,ସେ ପୁରୁଷ କାରକୁନ୍ ହୁଅନ୍ତୁ ବା ମହିଳା କାରକୁନ୍ ,ଏହା କି ସେମାନେ କାହା ସହିତ କଠୋରତା ଅବଲମ୍ବନ ନକରନ୍ତୁ। କୌଣସି ଲୋକର କଠୋର କଥାର ପ୍ରତିଉତରରେ କଠୋର ଜବାବ୍ ନଦିଅନ୍ତୁ । ବରଂ ହସ ହସ ଚେହେରା ସାହାଯ୍ୟରେ ସେମାନଙ୍କ ଉତର ଦିଅନ୍ତୁ । ଯଦି ସେମାନଙ୍କ ଆବଶ୍ୟକତାକୁ ପୂରଣ କରିକରିପାରିବେ ତାହେଲେ ପୂରଣ କରନ୍ତୁ । ନଚେତ୍ ନମ୍ର ଏବଂ ସ୍ନେହପୂର୍ଣ୍ଣ ଭାବରେ କ୍ଷମା ମାଗି ନିଅନ୍ତୁ କିମ୍ବା ନିଜ ବଡ଼ ଅଫିସର୍ଙ୍କ ନିକଟକୁ ନେଇଯାଆନ୍ତୁ ଯିଏ ଅତିଥିଙ୍କ ସମସ୍ୟାର ସମାଧାନ କରିଦେବେ । ବେଳେ ବେଳେ ଏହି କାମ ବହୁତ କଷ୍ଟକର ହୋଇଯାଇଥାଏ,କିନ୍ତୁ ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ପ୍ରାପ୍ତ କରିବା ପାଇଁ ଏହି କାମକୁ କରିବା ଉଚିତ । ନିଜର ଆବେଗକୁ ନିଜର ଜିଭକୁ ନିୟନ୍ତ୍ରଣରେ ରଖିବା ଉଚିତ । ସେହିପରି କାରକୁନମାନେ ଆପୋଷରେ ନିଜର ଭାଷାକୁ ପରସ୍ପର ପ୍ରତି ନମ୍ର ରଖିବା ଉଚିତ । ଅଫିସରମାନେ ଏବଂ ନିରୀକ୍ଷକମାନେ ମଧ୍ୟ ନିଜ ସହାୟକମାନଙ୍କ ସହିତ ନମ୍ର ଭାଷାରେ କଥା ହେବା ଉଚିତ । ଯଦି ବି କିଏ ଭୂଲ କରିଦିଅନ୍ତି,ସେମାନଙ୍କୁ ସ୍ନେହର ସହିତ ବୁଝାନ୍ତୁ । ଅଫିସରମାନଙ୍କୁ ମଧ୍ୟ ଏହା ଅନୁଭବ କରିବା ଉଚିତ ଯେ ଏହି ସ୍ୱେଚ୍ଛାସେବୀମାନେ ଅଲ୍ଲାଃତାଲାଙ୍କ ଖୁସି ଖାତିର୍ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଅତିଥିମାନଙ୍କ ସେବା କରିବା ପାଇଁ ଚାଲିଆସିଛନ୍ତି । ସେମାନଙ୍କୁ କୌଣସି ବିଭାଗରେ କିଛି ଅଭିଜ୍ଞତା ନଥିବା ସତ୍ତ୍ୱେ ବି ସେମାନେ ନିସ୍ୱାର୍ଥପର ଭାବରେ ସେବା କରିଚାଲିଛନ୍ତି । ତେଣୁ ସେମାନଙ୍କୁ ସମ୍ମାନ ଦିଆଦିଆଯିବା ଉଚିତ । ଅଲ୍ଲାଃତାଲା ସମସ୍ତଙ୍କୁ ଆପୋଷରେ ମିଳିମିଶି କାମ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏହି ମନୋଭାବ ସେତେବେଳେ ଉତ୍ପନ୍ନ ହେବ ଯେତେବେଳେ ଅଫିସର୍ ମାନେ ଏବଂ ସହାୟକମାନେ ବି ଏକଥା ଅନୁଭବ କରିବେ ଯେ ଆମକୁ ଏହି ସେବାକାର୍ଯ୍ୟ ବଳିଦାନର ଆତ୍ମା ସହିତ କରିବାକୁ ହେବ । ଆଁ ହଜରତ୍ ସ ଆ ସ ଅତିଥିମାନଙ୍କ ଭୂଲ ଆଚରଣ ପାଇଁ ମଧ୍ୟ ସେବାକାର୍ଯ୍ୟ ତଥା ବଳିଦାନର କ'ଣ ସ୍ତର/ମାନ ପ୍ରତିଷ୍ଠା କରିଥିଲେ,ସେ ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତ୍ ଆସିଛି ଯେ ଜଣେ ଅତିଥି,ଯିଏ ଅଣ ମୁସଲମାନ୍ ଥିଲା,ତାଙ୍କର ଅତିଥି ସତ୍କାର କରାଗଲା । ରାତିରେ ଶୋଇବା ପାଇଁ ଶଯ୍ୟାର ବନ୍ଦୋବସ୍ତ କରାଗଲା । ରାତିରେ ଅତ୍ୟଧିକ ଖାଇବା ହେତୁ କିମ୍ବା ଅନ୍ୟ କୌଣସି କାରଣରୁ

ତାର ପେଟ ଖରାପ ହୋଇଗଲା । ବା ଜାଣିଶୁଣି ଅସୁବିଧାରେ ପକାଇବା ପାଇଁ ସେ ନିଜ ଶଯ୍ୟାକୁ ମଇଳା କରି ସକାଳୁ ସକାଳୁ ଚାଲିଗଲା । ଆଁ ହଜରତ୍ ସ ଅ ସ ତାର ଏହି କାର୍ଯ୍ୟ ପାଇଁ କିଛି ଖରାପ ଭାବିଲେ ନାହିଁ । ବରଂ ପାଣି ମଗାଇଲେ ଏବଂ ନିଜେ ସେହି ବିଛଣାକୁ ଧୋଇବାକୁ ଲାଗିଲେ । ସାହାବାମାନେ କୁହନ୍ତି ଯେ ଆମେମାନେ କହିଲୁଁ ଯେ ଆପଣ କାହିଁକି ଏତେ କଷ୍ଟ କରୁଛନ୍ତି,ଆମେ ଆପଣଙ୍କ ସେବକମାନେ ଉପସ୍ଥିତ ଅଛୁ । ଆମକୁ ଧୋଇବାକୁ ଦିଅନ୍ତୁ । ଆମର ଏପରି ନିବେଦନ କରିବା ସତ୍ୱେ ମଧ୍ୟ ଆପଣ ଆ ସ କହିଲେ : ସେ ମୋ ଅତିଥି ଥିଲା ତେଣୁ ମୁଁ ଏହା ନିଜେ କରିବି ।

**(ଉଦ୍ଧୃତାଂଶ ମଲଫୁଜାତ୍ ,ଖ-୦୫,ପୃ-୨୯୫,ଏଡ଼ିଶନ୍ ୧୯୮୪)(ଉଦ୍ଧୃତାଂଶ ପୁସ୍ତକ ମସନୁୱି ମୌଲୱି ମାନୱି ଦଫତର୍ ପଂଜମ୍ ,ପୃ-୨୦-୨୫)**

ଆପଣ ସ ଆ ସ କହିଲେ : ଯିଏ ଅଲ୍ଲାଃ ଏବଂ ୟୋମେ ଆଖିରତ୍ (ପରକାଳ)ଉପରେ ବିଶ୍ୱାସ ରଖିଛି ସେ ନିଜ ଅତିଥିମାନଙ୍କର ଆଦର ସମ୍ମାନ କରିଥାଏ । **(ସହି ବୁଖାରୀ କିତାବୁଲ୍ ଅଦବ୍ ବାବ୍ ମନ୍ କାନା....ହଦିସ୍ ୬୦୧୮)**

ସୁତରାଂ ଆମର ସମସ୍ତ ସ୍ୱେଚ୍ଛାସେବୀ,କାରକୁନ୍ (ପୁରୁଷ କର୍ମୀ),ମହିଳା କର୍ମୀ,ଅଫିସର୍ ଏବଂ ସହାୟକ ସହାୟିକା ମାନଙ୍କର ଏ କର୍ତବ୍ୟ ଯେ ଯେଉଁ ଅତିଥିମାନେ ଧର୍ମ ଉଦ୍ଦେଶ୍ୟ ରଖି ଏଠାକୁ ଆସିଛନ୍ତି,ସେମାନେ ସମସ୍ତେ ହଜରତ୍ ମସିହ୍ ମଉଦ୍ ଆ ସଙ୍କର ଅତିଥି । ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଆହ୍ୱାନକୁ ମାନି ନେଇ ସେମାନେ ଆସିଛନ୍ତି । ଆମେ ପ୍ରତ୍ୟେକ ପ୍ରକାରର ବଳିଦାନ ଦେଇ ସେମାନଙ୍କ ସେବାକାର୍ଯ୍ୟ କରିବୁ । ସବୁବେଳେ ସାହାସ ଏବଂ ଧୈର୍ଯ୍ୟ ପ୍ରଦର୍ଶନ କରନ୍ତୁ । ଚେହେରାରେ ବିନା କୌଣସି ଅସନ୍ତୋଷର ଚିହ୍ନ ଦେଖାଇ ଖୁସିରେ ସେବା କରନ୍ତୁ । ଏହି ମନୋଭାବ ଅଲ୍ଲାଃଙ୍କ କୃପାରୁ ଆମର ଅନେକ କାରକୁନ୍ ମାନଙ୍କ ମଧ୍ୟରେ ଭରି ରହିଛି । ମୁଁ ଆଶା କରୁଛି ଯେ ସମସ୍ତ କର୍ମୀ ଏହି ମନୋଭାବ ରଖି କାମ କରିବେ ।

ବିଭିନ୍ନ ବିଭାଗରେ ନିଯୁକ୍ତ ହୋଇଥିବା ଅଫିସରମାନେ ମଧ୍ୟ ସର୍ବଦା ଏକଥାକୁ ମନେ ରଖିଥାନ୍ତୁ ଯେ ଅଲ୍ଲାଃତାଲାଙ୍କ କୃପାରୁ ସେମାନଙ୍କୁ ସେବା କରିବାର ସୁଯୋଗ ମିଳୁଅଛି । ସେମାନେ ଅଫିସର୍ ଭାବରେ ନୁହନ୍ତି ବରଂ ସେବକ ଭାବରେ ନିଜ ନିଜର କର୍ତବ୍ୟକୁ ପାଳନ କରିବା ଉଚିତ । ଯଦି ନିଜର ଉଚ୍ଚ ନୈତିକତାର/ଉତମ ଚରିତ୍ରର ନମୁନା ସ୍ଥାପନ କରିବ ତା'ହେଲେ ଅଧସ୍ତନ କର୍ମୀ ଏବଂ ସହାୟକମାନେ ମଧ୍ୟ ଉଚ୍ଚ ନୈତିକତାର/ଉତମ ଚରିତ୍ର ପଦର୍ଶନ କରିବେ । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ଶକ୍ତି ମଧ୍ୟ ପ୍ରଦାନ କରନ୍ତୁ ।

ଅତିଥିମାନଙ୍କ ସହିତ ଉତମ ବ୍ୟବହାର କରିବା ପାଇଁ ହଜରତ୍ ମସିହ୍ ମଉଦ୍ ଆ ସ ଅନେକ ଆବସରରେ ଉପଦେଶ ଦେଇଛନ୍ତି । ଗୋଟିଏ ଅବସରରେ ସେ କୁହନ୍ତି : ଦେଖ ! ବହୁତ ଅତିଥି ଆସିଛନ୍ତି । ସେମାନଙ୍କ ମଧ୍ୟରୁ କେତେକଙ୍କୁ ତୁମେମାନେ ଜାଣିଛ,ଏବଂ ଆଉ କେତେକଙ୍କୁ ତୁମେ ଚିହ୍ନିଛ ଏବଂ କେତେକଙ୍କୁ ଜାଣିନାହିଁ । ତେଣୁ ସମସ୍ତଙ୍କୁ ସମ୍ମାନୀୟ ବୋଲି ଜାଣି ସେମାନଙ୍କର ଅତିଥିସତ୍କାର କର । (ମଲଫୁଜାତ୍ ଖ-୦୬, ପୃ-୨୨୬) ତେଣୁ ଏହି ନୀତି/ସିଦ୍ଧାନ୍ତ କୁ ସର୍ବଦା ପ୍ରତ୍ୟେକ କାରକୁନ୍‌ଙ୍କୁ ମନେରଖିବା ଉଚିତ, ବିଶେଷ କରି ସେହି କାରକୁନଙ୍କୁ,ଯେମାନଙ୍କର ପାଲା ଲୋକମାନଙ୍କ ସହିତ ସିଧାସଳଖ ପଡ଼ିଥାଏ, ସେମାନଙ୍କୁ ଏକଥା ସର୍ବଦା ସମ୍ମୁଖରେ ରଖିବା ଉଚିତ । ବିଶେଷକରି ଆତିଥ୍ୟତା ବିଭାଗ ଏବଂ ଖାଦ୍ୟବ୍ୟବସ୍ଥା ଇତ୍ୟାଦି କାର୍ଯ୍ୟରେ ସେବା ସମ୍ପାଦନ କରୁଥିବା କର୍ମୀମାନେ ଏଥିପ୍ରତି ଅତି ସତର୍କତାର ସହିତ ଧ୍ୟାନ ଦେବା ଉଚିତ ।

ଏବର୍ଷ କୋଭିଡ଼୍ ଯୋଗୁଁ ବହୁତ ସତର୍କତା ଅବଲମ୍ବନ କରିବାକୁ ହେବ । ତେଣୁ ଉଚିତ ବ୍ୟବସ୍ଥା ହେବା ଉଚିତ । ମୋ ଭାବୁଛି ଯେ ସେହି ବିଭାଗ ଏହାର ବ୍ୟବସ୍ଥା କରିବାକୁ ଚେଷ୍ଟା କରିଛି ଯେ ଭୋଜନ ସମୟରେ ଅଧିକା ଲୋକେ ବହୁ ସମୟ ଧରି ବସି ନରହନ୍ତୁ । ବରଂ ଭୋଜନ କରି ସାରି ତୁରନ୍ତ ସାମିଆନା (ଟେଂଟ୍) ଭିତରୁ ବାହାରି ଚାଲିଯାଆନ୍ତୁ । ସେହିପରି ଅତିଥିମାନଙ୍କୁ ବି ଏହାର ଧ୍ୟାନ ରଖିବା ଉଚିତ ଓ ଇନ୍ତେଜାମିୟା (ପରିଚାଳକ)ଙ୍କ ସହିତ ସହଯୋଗ କରିବା ଉଚିତ । ଖାଇବା ସମୟରେ ତ ଜଣେ ବିବଶ ହୋଇଥାଏ,କିନ୍ତୁ ଏମିତି ସାଧାରଣ ପରିସ୍ଥିତିରେ, ଯେମିତି କି ମୁଁ କହିସାରିଛି ଯେ ମାସ୍କ ପିନ୍ଧନ୍ତୁ । ଖାଇବା ସମୟରେ ଯଥା ସମ୍ଭବ କମ୍ କଥା ହୁଅନ୍ତୁ । ନୀରବରେ ଖାଇବାକୁ ଚେଷ୍ଟା କରନ୍ତୁ ଏବଂ ଶୀଘ୍ର ଶୀଘ୍ର ଖାଇ ଚାଲିଯାଆନ୍ତୁ । ନା ନିଜକୁ ନା ଇନ୍ତେଜାମିୟାକୁ ଅସୁବିଧାରେ ପକାନ୍ତୁ ।

କାରକୁନ୍ (କର୍ମୀ) ମାନଙ୍କୁ ତ ମୁଁ କିଛି କଥା କହିଲି ଏବଂ ସେମାନଙ୍କୁ ଅତିଥିମାନଙ୍କ ସେବା କରିବା ପ୍ରତି ଧ୍ୟାନ ଆକର୍ଷଣ କରାଇଦେଲି ।

ଏବେ ଅତିଥିମାନେ ବି କିଛି କଥା ଶୁଣି ରଖନ୍ତୁ । ଯଦି ଅତିଥିମାନେ ଏହି କଥାକୁ ବୁଝିନିଅନ୍ତି ଏବଂ ତାହା ଉପରେ ପାଳନ କରନ୍ତି,ଯାହା ହେଉଛି ଇସଲାମର ଶିକ୍ଷା । ଅର୍ଥାତ୍ ଅତିଥି ନିଜ ଅତିଥି ସତ୍କାରକଙ୍କ ଉପରେ ଅସାଧାରଣ ଏବଂ ଅନାବଶ୍ୟକ ଭାର/ବୋଝ ନପକାନ୍ତୁ । ତାହେଲେ ପୁଣି ପ୍ରେମ ଏବଂ ସ୍ନେହର ପରିବେଶ ବଜାୟ ରହିବ ।

ଅତିଥି ଯଦି ହୋଷ୍ଟ (ଅତିଥି ସତ୍କାରକ)ଙ୍କ ଉପରେ ଅନାବଶ୍ୟକ ବା ଆବଶ୍ୟକଠାରୁ ଅଧିକା ଆଶା ରଖନ୍ତି ତା'ହେଲେ ସମସ୍ୟା ଉପୁଜିଥାଏ । ତେଣୁ ଅତିଥିମାନଙ୍କୁ ମଧ୍ୟ ଆବଶ୍ୟକଠାରୁ ଅଧିକା ଆଶା କରିବା ଠିକ ନୁହେଁ । ଯଦି ଏପରି ହୁଏ,ତା'ହେଲେ ପୁଣି ଘରର ସଦସ୍ୟମାନେ ବି ଆରାମରେ ରହିବେ ଏବଂ ଯେଉଁମାନେ ଅତିଥିମାନଙ୍କ ପରିଚାଳନା ଦାୟିତ୍ୱରେ ଅଛନ୍ତି,ସେମାନେ ମଧ୍ୟ ଏବଂ ଅତିଥିମାନେ ମଧ୍ୟ ଆରାମରେ ରହିବେ । ତେଣୁ ଏ କଥାକୁ ସର୍ବଦା ଧ୍ୟାନରେ ରଖନ୍ତୁ । ଯେଉଁମାନେ ଜମାତି ବ୍ୟବସ୍ଥା ଅନ୍ତର୍ଗତ ରହିଛନ୍ତି,ସେମାନେ ସେହି କାରକୁନ୍ ମାନଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ ଯେ ସେମାନଙ୍କ ଅହେମଦୀ ଭାଇ ଭଉଣୀମାନେ ଭଲ ପଦବୀରେ ରହିବା ସତ୍ତ୍ୱେ ବି ଅତିଥିମାନଙ୍କ ସେବା କରିବାକୁ ନିଜକୁ ନିଜକୁ ଉତ୍ସର୍ଗ କରିଦେଇଛନ୍ତି । ବେଳେ ବେଳେ ଅତିଥିମାନଙ୍କ ମନମୁତାବକ ଖାଦ୍ୟ ପ୍ରସ୍ତୁତ ହୋଇନଥାଏ,ଯଦ୍ୟପି ଜମାଅତର ପରମ୍ପରା ବିଷୟରେ ପ୍ରତ୍ୟେକ ଅହେମଦୀ ଜାଣିଛନ୍ତି ଯେ ଜଲସାଃ ଦିନଗୁଡ଼ିକରେ ଆମର ସାଧାରଣତଃ ଆଳୁ ମାଂସ ଏବଂ ଡ଼ାଲି ରନ୍ଧା ହୋଇଥାଏ । ତେଣୁ ଯଦି ଅତିଥିମାନଙ୍କୁ ମଧ୍ୟ ତାଙ୍କ ମିଜାଜ ମୁତାବକ ଖାଦ୍ୟ ନମିଳେ,ତେବେ ବି ଖୁସିରେ ଖାଇନେବା ଉଚିତ ।

ଆଁ ହଜରତ୍ ସ ଆ ସ କହିଛନ୍ତି : ଅତିଥିମାନଙ୍କୁ ହୋଷ୍ଟ (ଅତିଥି ସତ୍କାରକ)ଙ୍କ ତରଫରୁ ଯାହା ବି ଖାଦ୍ୟ ଦିଆଯାଏ ତାହା ଆନନ୍ଦରେ ଖାଇନେବା ଉଚିତ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍ ,ଖ-୦୫, ପୃ-୨୦୪,ହଦିସ୍ ନଂ-୧୫୦୪୮,ମୁଦ୍ରିତ ଆଲମୁଲ୍ କୁତୁବ୍ ବେରୁତ୍ ୧୯୯୮)

ବିଗତ ବର୍ଷଗୁଡ଼ିକରେ ଏହା ହେଉଥିଲା ଯେ,ଯଦି କୌଣସି ଲୋକ ଲଙ୍ଗର୍ ଖାନାଃର ଖାଦ୍ୟ ଖାଇବାକୁ ଚାହେଁ ନାହିଁ ବା ଖାଇବାକୁ ଇଚ୍ଛା କରେ ନାହିଁ ,ତାହେଲେ ଅସ୍ଥାୟୀ ଭାବରେ ଏଠାରେ ଜଲସାଃ ଗାଃର ଏହି ଇଲାକାରେ ସ୍ଥାପିତ ବଜାରକୁ ଯାଇ କିଛି ନା କିଛି ଖାଇ ନେଉଥିଲେ । ଏଥରକ ବଜାରର ସୁବିଧା ସେମିତି ତ ଉପଲବ୍ଧ ନାହିଁ । ତେଣୁ ଯେଉଁ ଲୋକମାନଙ୍କର ଭିନ୍ନ ଖାଇବା ଅଭ୍ୟାସ ଅଛି,ସେମାନେ ଅଲ୍ଲାଃତାଲାଙ୍କ ଖାତିର୍ ଖୁସିରେ ଯାହା କିଛି ବି ମିଳିଯାଉଛି ଖାଇନେବା ଉଚିତ । କିନ୍ତୁ ମୁଁ ଜିୟାଫତ୍ ବିଭାଗକୁ ଏକଥା ପୁନର୍ବାର କହିବାକୁ ଚାହିଁବି ଯେ ସେମାନେ ଯଥା ସମ୍ଭବ ଭଲ ଖାଦ୍ୟ ରାନ୍ଧିବା ପାଇଁ ଚେଷ୍ଟା କରିବା ଉଚିତ । ଯଦିଓ ଏହି ମିଜାଜର ବହୁତ କମ୍ ଲୋକ ଅଛନ୍ତି, କିନ୍ତୁ ସେହି ଅଳ୍ପ କିଛି ଲୋକ ମଧ୍ୟ ବେଳେ ବେଳେ ଅସୁବିଧାର କାରଣ ହୋଇଯାଆନ୍ତି । ଉତମ ଆଚରଣ ପ୍ରଦର୍ଶନ କରିବା କେବଳ କାରକୁନମାନଙ୍କର କାମ ନୁହେଁ ବରଂ ଏଥିରେ ସମ୍ପୃକ୍ତ ପ୍ରତ୍ୟେକ ଲୋକର ଏହା କାମ । ଜଲସାଃରେ ସାମିଲ ହୋଇଥିବା ଲୋକମାନଙ୍କୁ ହଜରତ୍ ମସିହ୍ ମଉଦ୍ ଆ ସ ଉପଦେଶ ଦେଇଛନ୍ତି ଯେ ଉତମ ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ପରସ୍ପରର ଯତ୍ନ ନିଅନ୍ତୁ । (ଉଦ୍ଧୃତ ପୁସ୍ତକ ଶାହାଦତୁଲ୍ କୁରଆନ୍,ରୁହାନୀ ଖଜାଇନ୍ ,ଖ-୦୬,ପୃ-୩୯୪)

ଜଲସାଃରେ ସାମିଲ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ସର୍ବଦା ଏହା ମନେ ରଖିବା ଉଚିତ ଯେ ସେ ଏହି ଜଲସାରେ ନିଜର ଧାର୍ମିକ,ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଶୋଷକୁ ମେଂଟାଇବା ପାଇଁ ସାମିଲ୍ ହୋଇଛି ଏବଂ ଏହି ଲକ୍ଷକୁ ହାସଲ କରିବା ପାଇଁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ସେହି କଥାକୁ ସର୍ବଦା ମନେ ରଖିବା ଉଚିତ ଯେ ଏହି ଜଲସା ହେଉଛି କେବଳ ଏକ ଐଶ୍ୱରିକ ଜଲସାଃ । ତେଣୁ କେବେ ବି ଛୋଟ ଛୋଟ କଥାରେ କୌଣସି ପ୍ରକାରର ଚିନ୍ତା ବା ବିରକ୍ତିଭାବ ପ୍ରକାଶ କରିବା ଉଚିତ ନୁହେଁ । କାରକୁନମାନେ ବି ମଣିଷ ଅଟନ୍ତି । ଯଦି ସେମାନଙ୍କଠାରୁ କୌଣସି ଭୂଲ ହୋଇଯାଏ,ତାହେଲେ ତାକୁ ଅଣଦେଖା କରିଦେବା ଉଚିତ ଏବଂ ଏହା ଜଣଙ୍କର ଚରିତ୍ରକୁ ସୁଧାରିବା ପାଇଁ ବଡ଼ ମାଧ୍ୟମ ଅଟେ । ଏହା ସତ୍ୟ କଥା ଯେ ବେଳେ ବେଳେ ଏପରି ପରିବେଶ ସୃଷ୍ଟି ହୋଇଯାଇଥାଏ ଯେ ଯେଉଁଠି ଆପୋଷରେ,କାହା ତରଫରୁ ବି ହେଉ ,ଅତିଥିମାନଙ୍କ ତରଫରୁ ମଧ୍ୟ,କାରକୁନ୍ ମାନଙ୍କ ତରଫରୁ ମଧ୍ୟ କିଛି କଥା କ୍ରୋଧ ସୃଷ୍ଟିକରିବାର କାରଣ ହୋଇଥାଏ । କିନ୍ତୁ ଉତମ ଚରିତ୍ର/ନୈତିକତା ହେଉଛି ଏହା କି ଜଣେ ଏହାକୁ ଅଣଦେଖା କରି ଏହି ସ୍ଥାନକୁ ଛାଡ଼ି ଚାଲିଯାଉ ଓ ଝଗଡ଼ାକୁ,ବିବାଦକୁ ବୃଦ୍ଧି ନକରୁ । ଯୁବକମାନଙ୍କ ମଧ୍ୟରେ ବେଳେ ବେଳେ ଏପରି ପରିସ୍ଥିତ ସୃଷ୍ଟି ହୋଇଯାଇଥାଏ । ତେଣୁ ସର୍ବଦା ଏହା ମନେ ରଖିବା ଉଚିତ ଯେ ଆମେ ଯେଉଁ ଉଦ୍ଦେଶ୍ୟ ପାଇଁ ଏଠାରେ ଏକତ୍ରିତ ହୋଇଅଛେ ତାହା ବହତୁ ବଡ଼ ଉଦ୍ଦେଶ୍ୟ ।

ନିଜର ଆଧ୍ୟାତ୍ମିକ ତୃଷ୍ଣାକୁ ମେଂଟାଇବାର ଉଦ୍ଦେଶ୍ୟ,ନିଜ ଧାର୍ମିକ ଜ୍ଞାନକୁ ବୃଦ୍ଧି କରିବାର ଉଦ୍ଦେଶ୍ୟ,ହୁକୁକୁଲ୍ଲାଃ (ଅଲ୍ଲାଃଙ୍କ ପ୍ରତି ଥିବା କର୍ତବ୍ୟ)ଏବଂ ହୁକୁକୁଲ୍ ଇବାଦ୍ (ପ୍ରାଣୀଜଗତ ପ୍ରତି ଥିବା କର୍ତବ୍ୟ)କୁ ସମ୍ପାଦନ କରିବାର ଉପାୟ ଶିଖିବାର ଉଦ୍ଦେଶ୍ୟ । ପୁଣି ସେଥିପାଇଁ ଅତି କମରେ ନିଜର ଭାବନାକୁ ବଳିଦାନ କରିବାକୁ ପଡ଼ିବ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କରି ତାଠାରୁ ସାହାଯ୍ୟ ଭିକ୍ଷା କରିବାକୁ ହେବ । ଯେବେ ଏହି ଆବେଗ ଉତ୍ପନ୍ନ ହେବ,ଯେବେ ଜିହ୍ୱା ଅଲ୍ଲାଃଙ୍କ ସ୍ତୁତିଗାନ ପ୍ରତି କେନ୍ଦ୍ରିତ ହେବ, ଯେବେ ତୌବାଃ ଏବଂ ଇସ୍ତେଗଫାର୍(ଅର୍ଥାତ ଅନୁତାପ ଏବଂ କ୍ଷମା ପ୍ରାର୍ଥନା)ପ୍ରତି ଧ୍ୟାନ କେନ୍ଦ୍ରିତ ହେବ, ସେତେବେଳେ ପୁଣି ଯଦି କୌଣସି କଷ୍ଟ ବି ପହଂଚିଯିବ ତାହେଲେ କ୍ଷମା ଏବଂ ଦୟା କରାଯିବ । ତେଣୁ ଏହି ଦିନଗୁଡ଼ିକରେ ସର୍ବଦା ଏକଥା ମନେ ରଖନ୍ତୁ ଯେ ଏଠାକୁ ଆମେମାନେ ଅଲ୍ଲାଃତାଲାଙ୍କ ଖାତିର୍ ନିଜ ଘରବାଡ଼ି ଛାଡ଼ି ଏଠାକୁ ଯାତ୍ରା କରିଛୁ । ଯାତ୍ରା କରିବାର ଦୁଆ ଶିଖାଇ ଏକଦା ଆଁ ହଜରତ୍ ସ ଆ ସ କହିଛନ୍ତି ଯେ : ଏହି ଦୁଆ କରନ୍ତୁ ଯେ ହେ ଅଲ୍ଲାଃ ! ଆମେ ତୁମ୍ଭଠାରୁ ଏହି ଯାତ୍ରାରେ ଉତମତା ତଥା ଧର୍ମପରାୟଣତା କାମନା କରୁଅଛୁ । ତୁମ୍ଭେ ଆମକୁ ଏପରି ପୁଣ୍ୟକର୍ମ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ ,ଯାହା ତୁମ୍ଭକୁ ପସନ୍ଦ । **(ସହି ମୁସଲିମ୍ ,କିତାବୁଲ୍ ହଜ୍,ବାବ୍ ଇସତିଜାବୁଲ୍ ଜିକ୍ର୍ ଇଜା ରକବା ....ହଦିସ୍ ନଂ-୩୨୭୫)**

ଅତେବ୍ ଯେବେ ଆମେ ଏହି ପ୍ରର୍ଥନା କରିଚାଲିବା ତାହେଲେ ଅଲ୍ଲାଃତାଲା ଆମର ରହଣିକୁ ଏବଂ ଆମର ଯାତ୍ରାକୁ ବି ବରକତ୍ (ଆଶୀର୍ବାଦ)ରେ ପୂର୍ଣ୍ଣ କରିଦେବେ । ତେଣୁ ଏହି ଦିନ ଗୁଡ଼ିକରେ ଦୁଆ ତଥା ଅଲ୍ଲାଃଙ୍କ ନାମ ଜପିବାରେ ସମୟ ଅତିବାହିତ କରିବାକୁ ଚେଷ୍ଟା କରନ୍ତୁ ।

ଆଁ ହହରତ୍ ସ ଆ ସ ଆମକୁ ପ୍ରତ୍ୟେକ ଅବସର ପାଇଁ ଦୁଆ ଶିଖାଇଛନ୍ତି । କିଛି ଲୋକେ ନିଜ ଘରକୁ ଛାଡ଼ି ଜଲସାଃର ଆଶୀଷରୁ ଉପକୃତ ହେବାପାଇଁ ଆସିଛନ୍ତି । ସେମାନଙ୍କୁ ସେମାନଙ୍କ ପରିବାର ବର୍ଗଙ୍କ ପାଇଁ ଚିନ୍ତା ରହିଥିବ । ସୁତରାଂ ଆପଣ ସ ଆ ସ କହିଲେ ଏହି ଦୁଆ କରନ୍ତୁ । : ହେ ଆମ୍ଭର ଅଲ୍ଲାଃ ! ମୁଁ ଆପଣଙ୍କ ନିକଟରେ ଭ୍ରମଣର କଠୋରତାରୁ,ଅପ୍ରୀତିକର ଏବଂ ଅସନ୍ତୁଷ୍ଟ ଦୃଶ୍ୟରୁ, ଧନ ତଥା ପରିବାର ବର୍ଗର ଖରାପ ଫଳାଫଳରୁ ଏବଂ ଅବାଂଚ୍ଛିତ ପରିବର୍ତ୍ତନରୁ

ଆଶ୍ରୟ ମାଗୁଛି । (ସହି ମୁସଲିମ୍ ,କିତାବୁଲ୍ ହଜ୍ ,ବାବ୍ ଇସ୍ତେଜାବୁଲ୍....ହଦିସ୍ ନଂ-୩୨୭୫)

ଯାତ୍ରା ସମୟରେ ନିଜକୁ ପ୍ରତି କ୍ଷେତ୍ରରୁ ସୁରକ୍ଷିତ ରଖିବା ପାଇଁ ଏହା ବହୁତ ସୁନ୍ଦର ବିସ୍ତୃତ ଦୁଆ । ସେହିପରି ଅଲ୍ଲାଃଙ୍କ ସୁରକ୍ଷା ବଳୟ ମଧ୍ୟରେ ନିଜ ପରିବାରବର୍ଗଙ୍କ ରହିବା ପାଇଁ ମଧ୍ୟ ଏହି ଦୁଆ ଉଦ୍ଦିଷ୍ଟ । ଏହି ପରି ଦୁଆ ସାହାଯ୍ୟରେ ନିଜ ଜିହ୍ୱାକୁ ନିୟୋଜିତ କରି ଯେବେ ପ୍ରତ୍ୟେକ ପୁରୁଷ ଏବଂ ମହିଳା ଏଠାରେ ବୁଲୁଥିବେ,ତାହେଲେ ସେଠାରେ ପରିବେଶ ଶାନ୍ତ ରହିବା ସହିତ ଆତ୍ମାକୁ ସନ୍ତୋଷ ମିଳୁଥିବ । ପୁଣି ସେଠାରେ ଅଲ୍ଲାଃତାଲା ପ୍ରତ୍ୟେକ ପ୍ରକାରର ଖରାପ ଦୃଶ୍ୟରୁ ବି ରକ୍ଷା କରିବେ ।

ଆଜିକାଲି କୋଭିଡ଼୍ ଯୋଗୁଁ ଚିନ୍ତା ବି ଲାଗି ରହିଛି । ତେଣୁ ଦୁଆ ଉପରେ ଅଧିକ ଧ୍ୟାନ ଦିଆଯିବା ଉଚିତ୍ ଯେ ଅଲ୍ଲାଃତାଲା ଏଠାରେ ଜଲସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ମଧ୍ୟ ସୁରକ୍ଷିତ ରଖନ୍ତୁ ଏବଂ ଯେଉଁମାନେ ନିଜ ନିଜ ଘରେ ରହିଛନ୍ତି ଅଲ୍ଲାଃତାଲା ସେମାନଙ୍କୁ ବି ସୁରକ୍ଷା ପ୍ରଦାନ କରନ୍ତୁ । ତେଣୁ ସାଧାରଣ ଦୁଆ କରିବା ସହିତ ଏହି ଦିନ ଗୁଡ଼ିକରେ ବିଶେଷ ଭାବରେ ଦରୁଦ୍ ବି ପାଠ କରନ୍ତୁ ।

ସେହିପରି ନମାଜ ସମୟରେ ନମାଜ ପାଠକରିବା ପାଇଁ ଆସନ୍ତୁ । ବାହାରେ ସମୟ ନଷ୍ଟ ନକରନ୍ତୁ । ସେହି ଭଳି କାରକୁନମାନେ ମଧ୍ୟ ନମାଜ ସମୟରେ,ଯେଉଁମାନଙ୍କର ଡ୍ୟୁଟି ନାହିଁ,ସେମାନେ ନମାଜ ପାଠ କରିବାକୁ ଚେଷ୍ଟା କରନ୍ତୁ । ସେହିପରି ସାମିଲ୍ ହୋଇଥିବା ସମସ୍ତ ଅଂଶଗ୍ରହଣକାରୀ ଏହା ଚେଷ୍ଟା କରନ୍ତୁ ଯେ ଜଲସାଃର ପ୍ରୋଗ୍ରାମ ଚାଲିଥିବା ସମୟରେ ଜଲସାଃ ଗାଃରେ ବସି ତକରୀର୍ (ବକ୍ତୃତା) ଗୁଡ଼ିକୁ ଶୁଣନ୍ତୁ ।

ବକ୍ତାମାନେ ବହୁ ପରିଶ୍ରମ କରି ନିଜର ଭାଷଣକୁ ପ୍ରସ୍ତୁତ କରିଥାନ୍ତି,ତେଣୁ ସେଥିରୁ ବୌଦ୍ଧିକ ଏବଂ ଆଧ୍ୟାତ୍ମିକ ଲାଭା ହୋଇଥାଏ । ତେଣୁ କେବଳ ଏହା ଦେଖନ୍ତୁ ନାହିଁ ଯେ କିଏ ଭଲ ତକରୀର୍ କରୁଛି ବା କିଏ ଭଲ ବକ୍ତା । ବରଂ ଏକଥାକୁ ଦେଖାଯାଉ କି ବକ୍ତୃତାର ବିଷୟବସ୍ତୁ କ'ଣ ଏବଂ ଏହା କେତେ ଉପଯୋଗୀ । ସାଧାରଣତଃ ତକରୀର୍ ଗୁଡ଼ିକ ଏପରି ବିଷୟବସ୍ତୁ ଉପରେ କରାଯାଇଥାଏ, ଯାହାର ଆବଶ୍ୟକତା ବର୍ତମାନ ସମୟରେ ରହିଥାଏ । ଯଦି ତାହାକୁ ଧ୍ୟାନର ସହିତ ଶୁଣାଯିବ,ତାହେଲେ ମନ ଭିତରେ ସୃଷ୍ଟି ହେଉଥିବା ଅନେକ ପ୍ରଶ୍ନର ଉତର ମିଳିଯାଏ ।

ତେଣୁ ତକରୀରଗୁଡ଼ିକୁ ବହୁତ ଧ୍ୟାନ ସହକାରେ ଶୁଣନ୍ତୁ । ଏଥର ତ କୌଣସି ବଜାର ଲାଗିନାହିଁ । ଯେମିତି କି ମୁଁ ଏହା କହି ସାରିଛି । କିନ୍ତୁ ଜଲସାଃ ପ୍ରୋଗ୍ରାମରେ ଯେଉଁ ବିରତି ସମୟ ରଖାଯାଇଛି, ବିଭିନ୍ନ ପଦର୍ଶନୀ ଲଗା ଯାଇଛି, ତାହା ଯଦିଓ ଅଳ୍ପ ଆକାରରେ ଏଥରକ ରଖାଯାଇଛି,ସେଠାକୁ ଯାଆନ୍ତୁ ଏବଂ ସେଗୁଡ଼ିକ ଦେଖନ୍ତୁ । ସେଥିରୁ ଲାଭ ଉଠାନ୍ତୁ । ଇନଶାଅଲ୍ଲାଃ ତାଲା ଯେବେ ପରିସ୍ଥିତି ଠିକ ହୋଇଯିବ, ସେତେବେଳେ ଏହି ପଦର୍ଶନୀ ମଧ୍ୟ ବିସ୍ତାର ହେବ । ସେହିପରି ବାକି ବ୍ୟବସ୍ଥା ମଧ୍ୟ ସମାନ ଭାବରେ ପରିଚାଳିତ ହେବା ଆରମ୍ଭ ହୋଇଯିବେ । ଏକଥାକୁ ବି ମନେ ରଖନ୍ତୁ ଯେ ଏଥର ଶୁଷ୍କ ମୌସମ୍ ରହିଛି । ବର୍ଷା ହୋଇ ନାହିଁ । ତେଣୁ ମୁଁ ଆଶା କରୁଛି ଯେ ଗତ ବର୍ଷ ପରି ଏବର୍ଷ କାର୍ ପାର୍କିଂରେ ଏତେ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିବ ନାହିଁ । ଇନଶାଅଲ୍ଲାଃ । ଗତ ବର୍ଷ ବର୍ଷା ଯୋଗୁଁ ବହୁ ଅସୁବିଧା ହୋଇଥିଲା । ଏବର୍ଷ ଏମିତି ବି ଉନ୍ନତ ବ୍ୟବସ୍ଥା କରାଯାଇଅଛି । ଟ୍ରାକ ଇତ୍ୟାଦିର ଉତମ ବ୍ୟବସ୍ଥା କରାଯାଇଛି । ପୁଣି ନିୟମିତ ବ୍ୟବଧାନରେ ଜଳ ନିଷ୍କାସନ କରିବା ପାଇଁ ବିଶେଷଜ୍ଞ ମାନଙ୍କର ସାହାଯ୍ୟରେ ବ୍ୟାପକ ଭାବେ କାମ କରାଯାଇଛି । ଗତ ମାସରେ ଯେଉଁ ବର୍ଷା ହୋଇଥିଲା,ସେ ସମୟରେ ଯେଉଁଭଳି ଭାବରେ ଜଳ ନିଷ୍କାସନ କରାଯାଉଥିଲା,ସେଥିରୁ ଜଣା ପଡ଼ୁଛି ଯେ ଇନଶାଅଲ୍ଲାଃ ତାଲା ଆସନ୍ତାକୁ ବି ଏହା ଅତ୍ୟନ୍ତ ଲାଭଦାୟକ ସାବ୍ୟସ୍ତ ହେବ । ତେବେ ଚଳିତ ବର୍ଷ ଶୁଖିଲା ପାଗ ରହିବ ବୋଲି ପୂର୍ବାନୁମାନ କରାଯାଇଅଛି । କିନ୍ତୁ କାର୍ ପାର୍କିଂ ସ୍ଥାନରେ ଅଧିକା କାର୍ ଆସିଯିବା ଯୋଗୁଁ ଇନ୍ତେଜାମିୟାକୁ ମଧ୍ୟ କିଛି ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ୁଛି । କିନ୍ତୁ କାରରେ ଆସୁଥିବା ଲୋକମାନଙ୍କର ଯଦି ସହଯୋଗ ରହିବ ତାହେଲେ ସହଜରେ ଏହାସବୁ ନିୟନ୍ତିତ ହୋଇଯିବ । ତେଣୁ ଧୈର୍ଯ୍ୟ ଏବଂ ସାହସ ସହିତ କାରରେ ଆସୁଥିବା ଲୋକେ ଟ୍ରାଫିକ୍ ବ୍ୟବସ୍ଥା ସହିତ ସହଯୋଗ କରନ୍ତୁ । ଯଦ୍ୱାରା କୌଣସି ପ୍ରକାରର ଅସୁବିଧା ହେବନାହିଁ ।

ସେହିଭଳି ,ମୁଁ ଯେମିତି ପ୍ରତିବର୍ଷ କହୁଅଛି ଯେ ଟଏଲେଟ୍ସ ବ୍ୟବହାର କରୁଥିବା ଲୋକେ,ବାଥ ରୁମ୍ ବ୍ୟବହାର କରୁଥିବା ଲୋକେ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ । ଏବର୍ଷ ବିଶେଷ ଭାବରେ ଜଳ ନଷ୍ଟ କରନ୍ତୁ ନାହିଁ । କମ୍ ବର୍ଷା ହେବା ଯୋଗୁଁ ସରକାର କମ୍ ଜଳ ବ୍ୟବହାର କରିବା ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି । ସତର୍କତାର ସହିତ ପାଣି ବ୍ୟବହାର କରନ୍ତୁ । ସେହିପରି ଶୁଖିଲା ଘାସକୁ ଏଠାରେ ସହଜରେ ନିଆଁ ଲାଗିଯାଏ । ଏ ବିଷୟରେ ବି ବହୁତ ସତର୍କ ରୁହନ୍ତୁ । କୌଣସି ପ୍ରକାରର ଅସାବଧାନତା ଅସୁବିଧା ସୃଷ୍ଟି କରିପାରେ । ନିଜକୁ ବା ପଡ଼ୋଶୀଙ୍କୁ କ୍ଷତି ପହଂଚାଇ ପାରେ । ସୁରକ୍ଷା ଦୃଷ୍ଟିରୁ ମଧ୍ୟ ପ୍ରତ୍ୟେକଙ୍କୁ ସତର୍କ ରହିବା ଉଚିତ । ପରିବେଶ ଉପରେ ଗଭୀର ନଜର ରଖନ୍ତୁ । କୌଣସି ବ୍ୟାଗ୍ ବା କୌଣସି ଏମିତି ସନ୍ଦେହଜନକ ଜିନିଷ ଯଦି ପଡ଼ିଥିବାର ଦେଖନ୍ତି,ତାହେଲେ ଇନ୍ତେଜାମିୟାକୁ ତୁରନ୍ତ ସୂଚନା ଦିଅନ୍ତୁ । ଇନ୍ତେଜାମିୟା ମଧ୍ୟ ଏବଂ ସ୍କାନିଂ କରୁଥିବା ଲୋକମାନେ ବି କାର୍ଡ଼ ଚେକ୍ କରିବା ବେଳେ ମାସ୍କ ବାହାର କରି ପ୍ରତ୍ୟେକଙ୍କ ଚେହେରା ଦେଖନ୍ତୁ ଯେ କାର୍ଡ଼ରେ ଥିବା ଫଟୋ ସହିତ ତାହାର ଚେହେରା ମେଳ ଖାଉଛି କି ନାହିଁ ।

ଅଲ୍ଲାଃତାଲା ଆମ ସମସ୍ତଙ୍କୁ ପ୍ରତ୍ୟେକ ପ୍ରକାରର ମନ୍ଦ ଜିନିଷରୁ ସୁରକ୍ଷିତ ରଖନ୍ତୁ ଏବଂ ନିଜର ବିଶେଷ ବରକାତ୍ (ଆଶୀଷ) ଅବତୀର୍ଣ୍ଣ କରିଚାଲନ୍ତୁ ।

ମୁଁ ପୁଣି ଆଉଥରେ କହିଦେଉଛି ଯେ ଏହି ଦିନଗୁଡ଼ିକରେ ଅଲ୍ଲାଃତାଲାଙ୍କ ଜିକ୍ର (ସ୍ତୁତି)ଏବଂ ତାହାଙ୍କ ଉପାସନା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ଜମାଅତ୍‌ର ଉନ୍ନତି ଏବଂ ଶତୃମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ବହୁତ ପ୍ରାର୍ଥନା କରନ୍ତୁ । ଯେଉଁ ବନ୍ଦୀମାନେ କାରାଗାର କଷ୍ଟ ସହ୍ୟ କରୁଛନ୍ତି,ସେମାନଙ୍କ ପାଇଁ ଦୁଆ କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ଶୀଘ୍ର ମୁକ୍ତି ଦେବାର ମାର୍ଗ ଉନ୍ମୋଚନ କରନ୍ତୁ । ଯୁମା ନମାଜରେ ମଧ୍ୟ ଏବଂ ଯୁମା ପରେ ବି ତଥା ବାକି ଦିନଗୁଡ଼ିକରେ ବି ବିଶେଷ ଭାବେ ଦୁଆ ଜାରି ରଖନ୍ତୁ ।

ପରିଶେଷରେ ମୁଁ ହଜରତ୍ ମସିହ୍ ମଉଦ୍ ଆ ସ ଙ୍କ ଜଲସାଃ ପ୍ରସଙ୍ଗରେ ଥିବା ଗୋଟିଏ ପ୍ରାର୍ଥନାମୂଳକ ବାକ୍ୟ ଉପସ୍ଥାପନ କରୁଅଛି । ଆପଣ ଆ ସ କହିଛନ୍ତି : ପ୍ରତ୍ୟେକ ବ୍ୟକ୍ତି ଯିଏ ଏହି ଐଶ୍ୱରିକ ଜଲସାଃ ପାଇଁ ଯାତ୍ରା କରୁଛନ୍ତି,ଅଲ୍ଲାଃତାଲା ସେମାନଙ୍କ ସହିତ ରୁହନ୍ତୁ ଏବଂ ସେମାନଙ୍କୁ ଏହାର ମହାନ ପ୍ରତିଫଳ ପ୍ରଦାନ କରନ୍ତୁ । ସେମାନଙ୍କ ଉପରେ ଦୟା କରନ୍ତୁ ଏବଂ ସୋମାନଙ୍କ ଦୁଃଖ କଷ୍ଟକୁ ଏବଂ ଚିନ୍ତାଜନକ ପରିସ୍ଥିତିକୁ ସେମାନଙ୍କ ପାଇଁ ସହଜ କରିଦିଅନ୍ତୁ । ସେମାନଙ୍କ ଦୁଃଖ ଦୂର କରନ୍ତୁ ଏବଂ ସେମାନଙ୍କୁ ପ୍ରତ୍ୟେକ ପ୍ରକାରର କଷ୍ଟରୁ ମୁକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କ ଅଭିଳାଷାର ମାର୍ଗକୁ ସେମାନଙ୍କ ପାଇଁ ଉନ୍ମୁକ୍ତ କରିଦିଅନ୍ତୁ । ପରକାଳରେ ନିଜ ଭକ୍ତମାନଙ୍କ ସହିତ ସେମାନଙ୍କୁ ଉଠାନ୍ତୁ,ଯେଉଁମାନଙ୍କ ଉପରେ ତାହାଙ୍କ ଦୟା ଏବଂ କରୁଣା ରହିଛି । ଏବଂ ଶେଷ ଯାତ୍ରା ପର୍ଯ୍ୟନ୍ତ ତାଙ୍କ ପରେ ତାଙ୍କର ଖଲିଫା ହୁଅନ୍ତୁ । ହେ ଅଲ୍ଲାଃ ! ହେ ଦୟାଳୁ ଓ କୃପାଳୁ ହେ ଦୟାବନ୍ତ ଓ ବିଘ୍ନ ବିନାଶକ ! ଏହି ସମସ୍ତ ଦୁଆ (ପ୍ରାର୍ଥନା) କୁ ଗ୍ରହଣ କରନ୍ତୁ ଏବଂ ଆମକୁ ଆମ ଶତୃମାନଙ୍କ ଉପରେ ଉଜ୍ଜ୍ୱଳ ନିଦର୍ଶନ ସହିତ ବିଜୟ ପ୍ରଦାନ କରନ୍ତୁ । କାରଣ ପ୍ରତ୍ୟେକ ଶକ୍ତି ଏବଂ ସାମର୍ଥ୍ୟ ତୁମ୍ଭର ହିଁ ଅଟେ । ଆମିନ୍ ।

**(ମଜମୁଆ ଇସ୍ତେହାରାତ୍ ,ଖ-୦୧, ପୃ-୩୪୨)**

ଏହି ଜଲସାଃରେ ଯୋଗ ଦେଇଥିବା ସମସ୍ତ ପୁରୁଷ ଏବଂ ମହିଳାମାନଙ୍କୁ ହଜରତ୍ ମସିହ୍ ମଉଦ୍ ଆ ସଙ୍କ ଏହି ପ୍ରାର୍ଥନାର ଉତରାଧିକାରୀ କରନ୍ତୁ । କିଛି ଲୋକ ଏହି ଜଲସାଃରେ ଯୋଗ ଦେବା ପାଇଁ ବିଦେଶରୁ ମଧ୍ୟ ଆସିଛନ୍ତି,କିନ୍ତୁ ଏଠାରେ ଆସି ବେମାର ହୋଇଯାଇଛନ୍ତି ବା କିଛି ଲୋକେ ଏଥିରେ ସାମିଲ୍ ହେବା ପାଇଁ ବହୁତ ଇଚ୍ଛା ପୋଷଣ କରିଥିଲେ କିନ୍ତୁ କୌଣସି କାରଣରୁ ଯୋଗ ଦେଇ ପାରିଲେ ନାହିଁ । ଅଲ୍ଲାଃତାଲା ସେମାନଙ୍କୁ ବି ସେମାନଙ୍କ ନିୟତ ମୁତାବକ ପୁରସ୍କାର ପ୍ରଦାନ କରନ୍ତୁ ଏବଂ ସେହି ଦୁଆଗୁଡ଼ିକର ମଧ୍ୟ ଉତରାଧିକାରୀ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଅ ଙ୍କ)ସହିତ କିପରି ଯୁଦ୍ଧ କରିବୁ । ମେହରାନ୍ କହିଲା ତୁମେ ଠିକ୍ କହୁଛ ଯେ ଆରବମାନଙ୍କ ସହିତ ଲଢିବାରେ ତୁମେ ଏମିତି ପ୍ରବୀଣ/ ପାରଦର୍ଶୀ ଯେମିତି ଆମେମାନେ ଅଣଆରବମାନଙ୍କ ସହିତ ଲଢିବାରେ ପ୍ରବୀଣ । ଏହିପରି ସେ ଆକାଃକୁ ଧୋକା ଦେଇଦେଲା ଏବଂ ତା ଜରିଆରେ ନିଜକୁ ସୁରକ୍ଷିତ ରଖିଲା । ତାପରେ ସେ ତାକୁ କହିଲା ତୁମେମାନେ ସେମାନଙ୍କ ସହିତ ଲଢ, ଯଦି କେବେ ତୁମକୁ ଆମର ଆବଶ୍ୟକତା ହୁଏ,ଆମେମାନେ ତୁମମାନଙ୍କୁ ସାହାଯ୍ୟ କରିବୁ । ଯେତେବେଳେ ଆକାଃ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଚାଲି ଆସିଲା,ସେତେବେଳେ ଅଣଆରବମାନେ ଆକାଃ ବିଷୟରେ ଅତ୍ୟନ୍ତ କଠୋର ଶବ୍ଦ/ଅପ ଶବ୍ଦ ବ୍ୟବହାର କରି ମେହରାନକୁ କହିଲେ ଯେ ତୁମକୁ ତା (ଆକାଃ) ସହିତ କଥା ହେବାକୁ କିଏ କହିଥିଲା ? ସେ କହିଲା ତୁମେ ମତେ ଛାଡ଼ିଦିଅ । ସୁତରାଂ ମୁଁ ତୁମମାନଙ୍କ ମଙ୍ଗଳ ଚାହୁଁଥିଲି ଓ ମୁସଲମାନମାନଙ୍କ ପାଇଁ ଅମଙ୍ଗଳ ଚାହୁଁଥିଲି । ପୁଣି ସେ (ମେହରାନ୍) ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କ ସମ୍ବନ୍ଧରେ କହିଲା ଯେ ନିଶ୍ଚିତ ରୂପେ ତୁମମାନଙ୍କ ନିକଟକୁ ଏମିତି ଜଣେ ବ୍ୟକ୍ତି ଆସୁଛନ୍ତି ଯିଏ ତୁମର ସମ୍ରାଟମାନଙ୍କୁ ବି ହତ୍ୟା କରିସାରିଛି । ସେ ଜଣେ ମହାନ କମାଣ୍ଡର୍ । ସେ ତୁମମାନଙ୍କ ଅସ୍ମିତା ଏବଂ ଗୌରବକୁ ଧୂଳିସାତ କରିସାରିଛନ୍ତି । ଅତେବ ମୁଁ ତ ଆକାଃକୁ ସେମାନଙ୍କ ବିରୁଦ୍ଧରେ ଗୋଟିଏ ଢାଲ ସଦୃଶ ବ୍ୟବହାର କରିଛି । ଯଦି ସେ (ଆକାଃ) ଖାଲିଦ୍ ବିରୁଦ୍ଧରେ ବିଜୟ ପ୍ରାପ୍ତ କରେ,ତା'ହେଲେ ଏହି ବିଜୟ ତୁମମାନଙ୍କର ହେବ । ଏବଂ ଯଦି ଏହାର ବିପରୀତ ଘଟେ,ତେବେ ତୁମେମାନେ ମୁସଲମାନମାନଙ୍କ ବିପକ୍ଷରେ ଲଢିବାକୁ ଯିବନାହିଁ ବରଂ ସେମାନେ ଯେତେବେଳେ ଦୁର୍ବଳ ହୋଇସାରିଥିବେ, ସେତେବେଳେ ତୁମେମାନେ ଯିବ । ତାପରେ ଆମେ ସେମାନଙ୍କ (ମୁସଲମାନମାନଙ୍କ)ସହିତ ଯୁଦ୍ଧ କରିବା ଯେବେକି ଆମମାନଙ୍କର ଶକ୍ତି ସମ୍ପୂର୍ଣ୍ଣ ଥିବ । ମେହରାନର ଏକଥାକୁ ଶୁଣି ତା କଥାର ଶ୍ରେଷ୍ଠତାକୁ ମାନିନେଲେ । ମେହରାନ୍ ସେହି ଅଇନୁଲ୍ ତମରଠାରେ ହିଁ ରହିଲା । କିନ୍ତୁ ଆକାଃ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ସହିତ ଯୁଦ୍ଧ କରିବାପାଇଁ ରାସ୍ତାରେ ହିଁ ନିଜର ଛାଉଣି ସ୍ଥାପନ କରିଦେଲା । **(ଉଦ୍ଧୃତାଂଶ ହଜରତ୍ ଅବୁ ବକର୍ ର ଅ ସିଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ , ପୃ-୨୮୮-୨୮୯) (ତାରିଖେ ତିବରୀ , ଖ-୦୨, ପୃ-୩୨୪, ଖବର୍ ଅଇନୁଲ୍ ତମର୍ ,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)**

ଆକାଃ ଏବେ ନିଜ ସୈନ୍ୟବାହିନୀର ଧାଡ଼ି ପ୍ରସ୍ତୁତ କରୁଥିଲେ ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜଆଡ଼ୁ ତା'ଉପରେ ଆଗତୁରା ଆକ୍ରମଣ କରିଦେଲେ ଏବଂ ତାକୁ ବନ୍ଦୀ କରିନେଲେ । ସୁତରାଂ ତା ସେନା ବିନା କୌଣସି ଯୁଦ୍ଧରେ ହିଁ ପରାଜୟ ବରଣ କରି ପଳାୟନ କରିଲା । ସେମାନଙ୍କ ମଧ୍ୟରୁ ଅଧିକାଂଶକୁ ବନ୍ଦୀ କରାଗଲା ।

ଯେତେବେଳେ ଏହି ଖବର ମେହରାନ୍ ନିକଟରେ ପହଂଚିଲା,ସେ ନିଜ ସୈନ୍ୟବାହିନୀକୁ ସାଥିରେ ଧରି ପଳାୟନ କଲା ଓ ସେମାନେ ଦୁର୍ଗକୁ ଛାଡ଼ି ଚାଲିଗଲେ । ଯେତେବେଳେ ପରାଜିତ ଲୋକମାନେ ଏହି ଦୁର୍ଗରେ ପହଂଚିଲେ,ସେଥିରେ ଶରଣ ନେଲେ ଏବଂ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ସେମାନଙ୍କୁ ଘେରାଉଟ କରିନେଲେ, ସେତେବେଳେ ସେମାନେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କଠାରୁ ଶାନ୍ତି ମାଗିଥିଲେ ।

କିନ୍ତୁ ସେ ମନାକରିଦେଲେ । ସେମେନେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଙ୍କ ନିଷ୍ପତିକୁ ଗ୍ରହଣ କରି ଆତ୍ମସମର୍ପଣ କଲେ ଏବଂ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ସେମାନଙ୍କୁ ବନ୍ଦୀ କରିନେଲେ । ପୁଣି ଆକାଃ ଏବଂ ଯେଉଁମାନେ ତାହା ସହିତ ମିଶି ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧରେ ସାମିଲ୍ ଥଲେ,ସେ ସମସ୍ତଙ୍କୁ ହତ୍ୟା କରିଦେଲେ । ଯେଉଁମାନେ କିଲ୍ଲା ଭିତରେ ଥିଲେ,ସେମାନଙ୍କୁ ବନ୍ଦୀ କରିନେଲେ । ଏବଂ ଦୁର୍ଗ ଭିତରେ ଯାହା କିଛି ସାମଗ୍ରୀ ମହଜୁଦ ଥିଲା ସେ ସବୁକୁ ମାଲେ ଗନିମତ୍ (ଯୁଦ୍ଧରେ ଜିଣା ଯାଇଥିବା ସାମଗ୍ରୀ) ଭାବରେ ନେଇଗଲେ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ସେମାନଙ୍କ ଉପାସନାପୀଠ ଭିତରେ ଚାଳିଶି ଜଣ ବାଳକଙ୍କୁ ପାଇଲେ । ସେମାନଙ୍କୁ ଖ୍ରୀଷ୍ଟିଆନମାନେ ବନ୍ଧକ କରି ରଖିଥିଲେ । ସେହି ବାଳକମାନଙ୍କ ମଧ୍ୟରୁ ଅଧିକାଂଶ ଆରବୀୟ ଥିଲେ । ଇସଲାମ ଇତିହାସରେ ସେହି ବାଳକମାନଙ୍କୁ ଏଇଥି ପାଇଁ ଗୁରୁତ୍ୱ ପୂର୍ଣ୍ଣ ଅଟନ୍ତି ଯେ ସେମାନଙ୍କ ବଂଶଧରମାନଙ୍କ ମଧ୍ୟରେ ଏପରି ମହାନ ବ୍ୟକ୍ତି ବିଶେଷ ଜନ୍ମ ନେଇଛନ୍ତି ,ଯେଉଁମାନେ ସେ ସମୟରେ ଏବଂ ପରବର୍ତୀ ଯୁଗର ଇତିହାସରେ ଏକ ଗଭୀର ଏବଂ ଅବିସ୍ମରଣୀୟ ଚିହ୍ନ ଛାଡ଼ି ଯାଇଛନ୍ତି । ସେହି ବାଳକମାନଙ୍କ ମଧ୍ୟରେ ମୁହମ୍ମଦ୍ ବିନ୍ ସିରିନ୍ ଙ୍କ ପିତା ସିରିନ୍ ,ମୁସା ବିନ୍ ନସିର୍ ଙ୍କ ବାପା ନସିର୍ ଏବଂ ହଜରତ୍ ଉସମାନ୍ ର ଅଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଦାସ ହମରାନ୍ ମଧ୍ୟ ସାମିଲ୍ ଥିଲେ । ସିରିନ୍ ଇରାକର ମୂଳ ବାସିନ୍ଦା ଥିଲେ । ସେ ଅଇନଲ୍ ତମର୍ ଯୁଦ୍ଧରେ ବନ୍ଦୀ ହୋଇ ହଜରତ୍ ଅନସ୍ ବିନ୍ ମାଲିକ୍ ର ଅଙ୍କର ଦାସ ହୋଇଥିଲେ । ସେ ବହୁତ ବଡ଼ କଳାକାର ଥିଲେ । ସେ ହଜରତ୍ ଅନସ୍ ର ଅଙ୍କ ସହିତ ମୁକାତିବତ୍ (ଅର୍ଥାତ ଅର୍ଥ ପଇଠ କରିବାର ଲିଖିତ ସର୍ତାବଳୀ ଉପସ୍ଥାପନ କରି) ଦାସତ୍ୱରୁ ମୁକ୍ତ ହୋଇ ସ୍ୱାଧୀନ ହୋଇଥିଲେ । ତାଙ୍କ ପୁତ୍ରଙ୍କ ନାମ ମୁହମ୍ମଦ୍ ବିନ୍ ସିରିନ୍ ଥିଲା । ସେ ପ୍ରସିଦ୍ଧ ତାବେ (ଅର୍ଥାତ୍ ହଜରତ୍ ମହମ୍ମଦ୍ ସ ଆ ସଙ୍କ ସାହାବିମାନଙ୍କ ଅନୁଗାମୀ)ଥିଲେ ଏବଂ ତଫସୀର୍ (ପବିତ୍ର କୁରଆନର ବ୍ୟାଖ୍ୟାକାରୀ),ହଦିସର ବ୍ୟାଖ୍ୟାକାରୀ, ଫିକାଃ ଏବଂ ସ୍ୱପ୍ନର ବ୍ୟାଖ୍ୟା କରିବା ଇତ୍ୟାଦି କ୍ଷେତ୍ରରେ ଜଣେ ପ୍ରସିଦ୍ଧ ଇମାମ୍ ଥିଲେ । ଏହି ମୁହମ୍ମଦ୍ ବିନ୍ ସିରିନ୍ ତାଙ୍କର ପୁତ୍ର ଥିଲେ । ଯାହାଙ୍କୁ ସେହି ଯୁଦ୍ଧରେ ବନ୍ଦୀ କରାଯାଇଥିଲା । ପୁଣି ପରେ ତାଙ୍କୁ ସ୍ୱାଧୀନ କରିଦିଆ ଯାଇଥିଲା । ପୁଣି ଆଉ ଜଣେ ବ୍ୟକ୍ତି ଥିଲେ ନୁସିର୍ । ସେ ମୁସା ବିନ୍ ନୁସିର୍ ଙ୍କ ବାପା ଥିଲେ । ସେ ବନୁ ଉମୈୟାଃର କଏଦୀ ମାନଙ୍କ ମଧ୍ୟରୁ ଥିଲେ । ବନୁ ଉମୈୟାଃର କେହି ଜଣେ ତାଙ୍କୁ ମୁକ୍ତ କରାଇଦେଇଥିଲେ । ସେ ନିଜ ପୁଅ ମୁସାଙ୍କ ପାଇଁ ପ୍ରସିଦ୍ଧି ରଖିଥିଲେ । ମୁସା ବିନ୍ ନୁସିର୍ ଉତର ଆଫ୍ରୀକାରେ ସୁନାମ ଅର୍ଜନ କରିଥିଲେ ଏବଂ ତାରିକ୍ ବିନ୍ ଜିୟାଦ୍ ଙ୍କ ସହିତ ମିଶି ସ୍ପେନ୍ ରେ ଇସଲାମୀୟ ସରକାର ଗଠନ କରିବାରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ । ପୁଣି ହମରାନ୍ ବିନ୍ ଅବାନ୍ ମଧ୍ୟ ଅଇନୁଲ୍ ତମର୍ ଯୁଦ୍ଧରେ ବନ୍ଦୀ ହୋଇଥିବା କଏଦୀମାନଙ୍କ ମଧ୍ୟରେ ଥିଲେ । ସେ ଜଣେ ଇହୁଦୀ ବଂଶଜ ଥିଲେ । ସେ ଇସଲାମ୍ ଗ୍ରହଣ କରିନେଲେ । ହଜରତ୍ ଉସମାନ୍ ର ଅ ତାଙ୍କୁ ସ୍ୱାଧୀନ କରିଥିଲେ ।

ସେ ହଜରତ୍ ଉସମାନ୍ ର ଅଙ୍କର ଅତି ନିକଟତର ଥିଲେ । ଏକଚାଳିଶ ହିଜରୀରେ ସେ କିଛି କାଳ ପାଇଁ ବସରାଃର ହାକିମ (ଶାସକ) ହୋଇଥିଲେ ପୁଣି ପରେ ବନୁ ଉମୈୟାଃ ଶାସନ କାଳରେ ସେ ବହୁତ ସୁନାମ ଅର୍ଜନ କରିଥିଲେ । ହଜରତ୍ ଖାଲିଦ୍ ର ଅ ବିଜୟର ସୁସମାଚାର ଏବଂ ଖୁମୁସ୍ (ଯୁଦ୍ଧରେ ଜିଣା ଯାଇଥିବା ସାମଗ୍ରୀର ଏକ ପଂଚମାଂଶ) ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପ୍ରେରଣ କରିଦେଲେ ।

**(ଅଲକାମିଲ୍ ଫିଲ୍ ତାରିଖ୍ , ଖ-୦୨, ପୃ-୨୪୬, ଜିକ୍ର ଫତହ୍ ଅଇନୁଲ୍ ତମର୍ , ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୦୬)(ସିରସ୍ ସାହାବାଃ ,ଖ-୦୩,ପୃ-୨୭୭-୨୭୮, ଦାରୁଲ୍ ଇଶାଅତ୍ କରାଚି)(ଫୁତୁହୁଲ୍ ବୁଲଦାନ୍ ମୁତରଜିମ୍ , ପୃ-୩୨୫,୩୪୬)(ମରଆତୁଲ୍ ଜମାନ୍ ଫି ତଓ୍ୱାରିଖୁଲ୍ ଆୟାନ୍ ,ଭାଗ-୦୬,ପୃ-୨୨୮ ଦାରୁଲ୍ କୁତୁବୁଲ୍ ଅଲମିୟାଃ)(ତାରିଖୁଲ୍ ତିବରୀ,ଖ-୦୩,ପୃ-୧୬୯,୫୨୪ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)**

ଅମ୍ବାର ଏବଂ ଅଇନୁଲ୍ ତମର୍ ବିଜୟ ପରେ ହଜରତ୍ ଖାଲିଦ୍ ର ଅ ୱ୍ଲିଦ୍ ବିନ୍ ଅକବାଃଙ୍କୁ ଖୁମୁସ୍ ଦେଇ ବିଜୟର ସୁସମାଚାର ସହିତ ହଜରତ୍ ଅବୁ ବକର୍ ର ଅଙ୍କ ସେବାରେ ପଠାଇଲେ । ସେ ମଦିନାରେ ପହଂଚି ହଜରତ୍ ଅବୁ ବକର୍ ର ଅଙ୍କୁ ସମସ୍ତ ବିଷୟରେ ଅବଗତ କରାଇଲେ ଏବଂ କହିଲେ ଯେ ଖାଲିଦ୍ ତାଙ୍କ ଆଦେଶକୁ ଅଣଦେଖା କରି ହିରାଃ ଏଇଥିପାଇଁ ଛାଡ଼ିଲେ ଏବଂ ଅମ୍ବାର୍ ତଥା ଅଇନୁଲ୍ ତମର୍ ଅଭିମୁଖେ ଏଇଥିପାଇଁ ଯାତ୍ରା କରିଥିଲେ ଯେ ,ତାଙ୍କ ହିରାଃରେ ଅବସ୍ଥାନ କରିବାର ଏକ ବର୍ଷ ହୋଇଯାଇଥିଲା । ହଜରତ୍ ଅବୁ ବକର୍ ର ଅ ତାଙ୍କୁ ଏ ଆଦେଶ ଦେଇଥିଲେ ଯେ ସେ ହିରାଃରେ ଅପେକ୍ଷା କରିବେ । କିନ୍ତୁ ସେ ଯାହା ବି ହେଉ ସେ ଏପରି କରିଥିଲେ । ଏହି ପରିସ୍ଥିତିରେ ସେ ଏମିତି କରିବା ପାଇଁ ଉଚିତ ମଣିଥିଲେ ଏବଂ ଅୟାଜଙ୍କର କିଛି ଠିକଣା ନଥିଲା ଯେ ସେ କେବେ ଦୌମତୁଲ୍ ଜନ୍ଦଲ୍ ରୁ କାମ ଶେଷ କରି ଖାଲିଦ୍ ଙ୍କୁ ସାହାଯ୍ୟ କରିବା ପାଇଁ ହିରା ପହଂଚିବେ । ବହୁତ ବିଳମ୍ବ ହୋଇଯାଇଥିଲା । ଅୟାଜ୍ ସେଠାରେ ପହଂଚି ପାରୁ ନଥିଲେ । ହଜରତ୍ ଅବୁ ବକର୍ ର ଅ ମଧ୍ୟ ଅୟାଜଙ୍କ ଅବହେଳା ପାଇଁ ଅସନ୍ତୁଷ୍ଟ ହେଉଥିଲେ ଏବଂ ତାଙ୍କର ଏ ଭାବନା ଥିଲା ଯେ ସେ ମୁସଲମାନମାନଙ୍କୁ ହତାଶ କରୁଛନ୍ତି । ଯଦି ଶତ୍ରୁପକ୍ଷକୁ ଖାଲିଦ୍ଙ୍କ ଏପରି କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ମିଳିଯାଇଥାନ୍ତା,ଯାହା ସେ ଇରାକରେ କରି ଆସିଥିଲେ,ତେବେ ସେମାନେ ଅୟାଜର ଦୃବଳତାର ସୁଯୋଗ ନେଇ ମୁସଲମାନମାନଙ୍କୁ ଭିଷଣ କ୍ଷତି ପହଂଚାଇଥାନ୍ତେ ।

**(ହଜରତ୍ ଅବୁ ବକର୍ ସିଦ୍ଧିକ୍ ର ଅ ଅକବର୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ , ପୃ-୩୨୫,ଇସଲାମୀ କୁତୁବ ଖାନାଃ ଲାହୋର୍)**

ପୁଣି ଆଉ ଗୋଟିଏ ଯୁଦ୍ଧ ହେଉଛି ଦୌମତୁଲ୍ ଜନ୍ଦଲ୍ । ଏହା ମଧ୍ୟ ୧୨ ହିଜରୀରେ ଅନୁଷ୍ଠିତ ହୋଇଥିଲା । ଦୌମତୁଲ୍ ଜନ୍ଦଲ୍ ଦମସ୍କଠାରୁ ପାଂଚ ରାତି ଏବଂ ମଦିନାଠାରୁ ପନ୍ଦର ରାତି ମୁସାଫତ୍ (ଅର୍ଥାତ ଅନବରତ ଯାତ୍ରା କରିବାର ସମୟ)ଦୂରତାରେ ଅବସ୍ଥିତ ଏକ ସହରର ନାମ । ଅର୍ଥାତ ସେ ସମୟରେ ଯାତ୍ରା କରିବାର ଯାହା ବି ବାହନ ଉପଲବ୍ଧ ଥିଲା,ତା ମୁତାବକ । ସିରିଆର ଏହି ସହରଟି ମଦିନାର ଅତି ନିକଟତର ଥିଲା । ହଜରତ୍ ଅୟାଜ୍ ବିନ୍ ଗନମ୍ ,ଯାହାଙ୍କୁ ହଜରତ୍ ଅବୁ ବକର୍ ର ଅ ଦୈମାଃ ଆଡ଼କୁ ପ୍ରେରଣ କରିଥିଲେ,ତାଙ୍କୁ ବହୁତ ଦୀର୍ଘ ସମୟ ଧରି ଶତ୍ରୁଙ୍କ ପ୍ରତିରୋଧର ସମ୍ମୁଖିନ ହେବାକୁ ପଡ଼ିଥିଲା । ତେଣୁ ସେ ହଜରତ୍ ଖାଲିଦ୍ ର ଅଙ୍କ ସହିତ ଯାଇ ଭେଟି ପାରି ନଥିଲେ । ଯେବେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ୱ୍ଲିଦ୍ ବିନ୍ ଅକବାଃଙ୍କୁ ଅଇନୁଲ୍ ତମର୍ ର ବିଜୟ ସୁସମାଚାର ଦେଇ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପ୍ରେରଣ କଲେ,ସେତେବେଳେ ହଜରତ୍ ଅବୁ ବକର୍ ର ଅଙ୍କୁ ଅୟାଜଙ୍କ ବିଷୟରେ ବହୁତ ଚିନ୍ତା ଘାରିଲା । ସୁତରାଂ ସେ ୱ୍ଲିଦ୍ ବିନ୍ ଅକବାଃଙ୍କୁ ଅୟାଜଙ୍କୁ ସାହାଯ୍ୟ କରିବା ପାଇଁ ପଠାଇଦେଲେ ।

**(ଅବୁ ବକର୍ ସିଦ୍ଧିକ୍ ଅଓ୍ୱଲଲ୍ ଖୁଲଫାଆ ଅର ରାଶିଦୀନ୍ ଅଜ୍ ମୁହମ୍ମଦ୍ ରଜା ,ପୃ-୧୨୪ ,ଦାରୁଲ୍ ଅହୟାୟଲ୍ କୁତୁବୁଲ୍ ଅରବିୟା ୧୯୫୦)**

ଯେତେବେଳେ ୱ୍ଲିଦ୍ ବିନ୍ ଅକବାଃ ହଜରତ୍ ଅୟାଜ୍ ର ଅଙ୍କ ନିକଟରେ ପହଂଚିଲେ,ଦେଖିଲେ ଯେ ହଜରତ୍ ଅୟାଜ୍ ର ଅ ଶତ୍ରୁମାନଙ୍କୁ ଘେରି ରହିଛନ୍ତି ଏବଂ ଶତ୍ରୁମାନେ ବି ତାଙ୍କୁ ଘେରି ରହିଛନ୍ତି ଏବଂ ତାଙ୍କ ରାସ୍ତାକୁ ଅବରୋଧ କରି ରଖିଛନ୍ତି । ୱ୍ଲିଦ୍ ବିନ୍ ଅକବାଃ ହଜରତ୍ ଅୟାଜଙ୍କୁ କହିଲେ ଯେ ଅନେକ ସମୟରେ ମାତ୍ରାଧିକ ସେନା ଅପେକ୍ଷା ଗୋଟିଏ ଜ୍ଞାନମୂଳକ ବୁଦ୍ଧିମାନ କଥା ଅଧିକ ପ୍ରଭାବଶାଳୀ ହୋଇଥାଏ । ଆପଣ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ନିକଟକୁ ଦୂତ ପଠାନ୍ତୁ ଏବଂ ତାଙ୍କଠାରୁ ସାହାଯ୍ୟ ମାଗନ୍ତୁ । ହଜରତ୍ ଅୟାଜଙ୍କ ପାଇଁ ୱ୍ଲିଦଙ୍କ କଥା ମାନିବା ବ୍ୟତୀତ ଅନ୍ୟ କୌଣସି ଉପାୟ ନଥିଲା । କାରଣ ତାଙ୍କୁ ଦୈମତୁଲ୍ ଜନ୍ଦଲ୍ ପହଂଚିବାକୁ ଏକ ବର୍ଷ ବିତି ଯାଇଥିଲା ଏବଂ ତଥାପି ବିଜୟର କୌଣସି ଚିହ୍ନ ବର୍ଣ୍ଣ ନଥିଲା । ହଜରତ୍ ଅୟାଜ ସେହି ପରି ହିଁ କଲେ । ଯେବେ ତାଙ୍କର ଦୂତ ସାହାଯ୍ୟ କରିବା ପାଇଁ ହଜରତ୍ ଖାଲିଦ୍ ର ଅଙ୍କ ନିକଟରେ ପହଂଚିଲା, ସେତେବେଳକୁ ଅଇନୁଲ୍ ତମର୍ ପରାଜିତ ହୋଇସାରିଥିଲା । ସେ ହଜରତ୍ ଅୟାଜ୍ ର ଅ ନାମରେ ଗୋଟିଏ ସଂକ୍ଷିପ୍ତ ଚିଠି ଲେଖି ଦୂତକୁ ତୁରନ୍ତ ଫେରାଇଦେଲେ ଯେ ତାଙ୍କର ଚିନ୍ତା କିଛିଟା କମିଯିବ । କିଛି ସମୟ ରହିବା ପାଇଁ ଚିଠିରେ ଲେଖାଥିଲା । ବାହନଗୁଡ଼ିକ ଆପଣଙ୍କ ନିକଟରେ ପହଂଚିବାକୁ ଯାଉଛି । ତାହା ଉପରେ ସିଂହ ଆରୋହଣ କରିବେ ଏବଂ ତରବାରୀ ଚମକୁ ଥିବ । ସୈନ୍ୟବାହିନୀ ପରେ ସୈନ୍ୟବାହିନୀ ପହଂଚୁଛନ୍ତି । ପୁଣି ହଜରତ୍ ଖାଲିଦ୍ ର ଅ ଙ୍କ ଦୈମତୁଲ୍ ଜନ୍ଦଲ୍ ଅଭିମୁଖେ ଯାତ୍ରା କରିବା ପ୍ରସଙ୍ଗରେ ଆସୁଛି ଯେ ଯେବେ ହଜରତ୍ ଖାଲିଦ୍ ର ଅ ଅଇନୁଲ୍ ତମର୍ ବିଜୟ କରି ସାରିଲେ,ସେତେବେଳେ ସେ ଅଓ୍ୱିମ୍ ବିନ୍ କାହିଲ୍ ଅସଲମୀଙ୍କୁ ସୁପରଭାଇଜର୍ (ନିରୀକ୍ଷକ)ଭାବେ ନିୟୋଜିତ କରିଲେ ଏବଂ ନିଜେ ଅଇନୁଲ୍ ତମରଠାରେ ମୃତୟନ ଥିବା ସେନାକୁ ଧରି ଦୈମତୁଲ୍ ଜନ୍ଦଲ୍ ଆଡ଼କୁ ଅଗ୍ରସର ହେଲେ । ତିନି ଶହ ମାଇଲ ଦୂରତାକୁ ହଜରତ୍ ଖାଲିଦ୍ ର ଅ ଦଶ ଦିନରୁ ବି କମ୍ ସମୟ ମଧ୍ୟରେ ଅତିକ୍ରମ କରିଥିଲେ ।

ଦୈମାଃ ବାସୀ ଯେତେବେଳେ ହଜରତ୍ ଖାଲିଦ୍ ର ଅଙ୍କ ଆଗମନ ବିଷୟରେ ଜାଣିବାକୁ ପାଇଲେ,ସେମାନେ ସେମାନଙ୍କର ସହଯୋଗୀ କବିଲାମାନଙ୍କଠାରୁ ସାହାଯ୍ୟ ଭିକ୍ଷା କଲେ । ସେହି କବିଲା ଗୁଡ଼ିକ ନିଜ ସହିତ ଆହୁରି ଅନେକ କବିଲାମାନଙ୍କୁ ସାଥିରେ ମିଶାଇ ଦୈମତୁଲ୍ ଜନ୍ଦଲ୍ଠାରେ ପହଂଚିଲେ । ସେମାନଙ୍କର ସଂଖ୍ୟା ସେ ସମୟରେ ତା ଅପେକ୍ଷା ଅନେକ ଗୁଣା ଥିଲା, ଯେତେବେଳେ ସେମାନେ ଏକ ବର୍ଷ ପୂର୍ବେ ହଜରତ୍ ଅୟାଜ୍ ସେମାନଙ୍କୁ ଦମନ କରିବାକୁ ପହଂଚିଥିଲେ । ଦୌମତୁଲ୍ ଜନ୍ଦଲ୍ ର ସୈନ୍ୟବାହିନୀ ଦୁଇଟି ପ୍ରମୁଖ ଭାଗରେ ବିଭକ୍ତ ହୋଇ ରହିଥିଲେ ।

**(ଉଦ୍ଧୃତାଂଶ ହଜରତ୍ ଅବୁ ବକର୍ ସିଦ୍ଧିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ , ପୃ-୨୯୦-୨୯୧)(ତାରିଖ ତିବରୀ ଅଜ୍ ଅବୁ ଜାଫର୍ ମୁହମ୍ମଦ୍ ବିନ୍ ଜରିର୍ , ଖ-୦୨,ପୃ-୩୨୪-୩୨୫, ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ଉର୍ଦ୍ଦୁ , ପୃ-୪୧୮ , ଫୁରକାନ୍ ଷ୍ଟ୍ରିଟ୍ ମୁଜଫର୍ ଗଢ)**

ସେଠାରେ ସୈନ୍ୟବାହିନୀର ଦୁଇଜଣ ସେନାପତି ଥିଲେ । ଜଣେ ଅକିଦର୍ ବିନ୍ ଅବ୍ଦୁଲ୍ ମଲକ୍ ଏବଂ ଦ୍ୱିତୀୟ ଜଣକ ଥିଲେ ଜୁଦି ବିନ୍ ରବିୟାଃ । ଯେବେ ତାଙ୍କୁ ହଜରତ୍ ଖାଲିଦ୍ ର ଅ ଙ୍କ ଆଗମନ ବିଷୟରେ ଜଣାପଡ଼ିଲା ,ସେମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଗଲା । ଅକିଦର୍ କହିଲା ଯେ ମୁଁ ଖାଲିଦ୍କୁ ଖୁବ ଭଲ ଭାବରେ ଜାଣିଛି । ତାଙ୍କଠାରୁ ଭାଗ୍ୟବାନ ଆଉ କେହି ନାହାନ୍ତି କି ତାଙ୍କଠାରୁ ଯୁଦ୍ଧ ବିଦ୍ୟାରେ ଆଉ କେହି ଅଧିକା ପାରଙ୍ଗମ ନୁହନ୍ତି । ଯେଉଁ ଜାତି ଖାଲିଦ ସହିତ ଯୁଦ୍ଧ କରିଥାଏ,ସେମାନଙ୍କ ସଂଖ୍ୟା ଖାଲିଦଙ୍କ ସୈନ୍ୟବାହିନୀଠାରୁ ଅଧିକା ହୋଇଥାଉ ବା କମ୍, ସେମାନେ ନିଶ୍ଚିତ ରୂପେ ହାରିଥାନ୍ତି । ତୁମେମାନେ ମୋ ପରାମର୍ଶ ଉପରେ ଅନୁସରଣ କର ଏବଂ ସେମାନଙ୍କ ସହିତ ସୁଲାହ୍ (ଶାନ୍ତି ଚୁକ୍ତି କରି ସନ୍ଧି ସ୍ଥାପନ)କରିନିଅ । କିନ୍ତୁ ସେମାନେ ତା ପରାମର୍ଶକୁ ପ୍ରତ୍ୟାଖ୍ୟାନ କରିଦେଲେ । ଏହା ଦେଖି ଅକିଦର୍ କହିଲା ଯେ ମୁଁ ଖାଲିଦ୍ ବିପକ୍ଷରେ ତୁମମାନଙ୍କ ସହିତ ମିଶି ଯୁଦ୍ଧ କରି ପାରିବି ନାହିଁ । ଏବେ ତୁମେ ନିଜ କଥା ନିଜେ ବୁଝ । ଏହା କହି ସେ

ସେଠାରୁ ଚାଲିଗଲା । ଏହାର ସୂଚନା ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କୁ ମିଳିଲା । ସେ ତା ରାସ୍ତା ଅବରୋଧ କରିବା ପାଇଁ ଆସିମ୍ ବିନ୍ ଅମରୋ ଙ୍କୁ ପ୍ରେରଣ କଲେ । ସେ ସୁଲାହ୍ କରିବା ପାଇଁ ରାଜି ହୋଇନଥିଲା ବରଂ ସେ ସେହି ସ୍ଥାନକୁ ଛାଡ଼ି ଚାଲିଗଲା । ସେ ନିଜ ଇଲାକା ଆଡ଼କୁ ଯାଉଥିଲା । ଆସିମ୍ ଯାଇ ଅକିଦରକୁ ଧରିଲେ । ସେ କହିଲା ତୁମେ ମତେ ତୁମ ଅମୀର ଖାଲିଦ୍‌ଙ୍କ ନିକଟକୁ ନେଇଯାଅ । ଯେତେବେଳେ ତାକୁ ହଜରତ୍ ଖାଲିଦ୍ ର ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା,ସେତେବେଳେ ସେ ଅକିଦରକୁ ହତ୍ୟା କରି ତାର ସମସ୍ତ ସାମଗ୍ରୀ ଉପରେ କବ୍ଜା କରିନେଲେ ।

**(ତାରିଖେ ତିବରୀ ଅଜ୍ ଅବୁ ଜାଫର୍ ମୁହମ୍ମଦ୍ ବିନ୍ ଜରିର୍ ,ଖ-୦୨,ପୃ-୩୨୫ ,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)**

ଏବେ ଏଠାରେ ପ୍ରଶ୍ନ ଉଠୁଛି ଯେ ଅକିଦରକୁ ବନ୍ଦୀ କରିବା ପରେ କାହିଁକି ହତ୍ୟା କରାଗଲା । ତାହାର କାରଣ ଏହା ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ର ଅ ଙ୍କୁ ତବୁକ ଯୁଦ୍ଧ ସମୟରେ ରସୁଲେ କରିମ୍ ସ ଆ ସ ଅକିଦର ଆଡ଼କୁ ପ୍ରେରଣ କରିଥିଲେ । ସେ ତାକୁ ବନ୍ଦୀ କରି ରସୁଲେ କରିମ୍ ସ ଆ ସଙ୍କ ନିକଟକୁ ଧରି ଆଣିଥିଲେ । ରସୁଲେ କରିମ୍ ସ ଆ ସ ତା ଉପରେ ଦୟା କରି ତାକୁ ଛାଡ଼ି ଦେଇଥିଲେ ଏବଂ ତା ସହିତ ଚୁକ୍ତି ସ୍ୱାକ୍ଷର କରାଇଥିଲେ । କିନ୍ତୁ ସେ ତାପରେ ବି ଚୁକ୍ତିର ଅବମାନନା କରି ମଦିନା ପ୍ରଶାସନ ବିରୁଦ୍ଧରେ ବିଦ୍ରୋହ କରିଥିଲା ।

**(ହଜରତ୍ ଅବୁ ବକର୍ ସଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ ,ପୃ-୩୨୭-୩୨୮ ,ଇସଲାମୀ କୁତୁବ ଖାନାଃ ଲାହୋର୍)**

ଯେତେବେଳେ ଅକିଦରକୁ ହଜରତ୍ ଖାଲିଦ୍ ର ଅଙ୍କ ଦୌମତୁଲ୍ ଜନ୍ଦଲ୍ ଆସିବାର ସୂଚନା ମିଳିଲା,ସେ ନିଜ କୌମକୁ ଛାଡ଼ି ସେଠାରୁ ପଳାୟନ କଲା । ହଜରତ୍ ଖାଲିଦ୍ ର ଅଙ୍କୁ ଦୌମତୁଲ୍ ଜନ୍ଦଲ୍ ରାସ୍ତାରେ ତାର ଖବର ମିଳିଲା । ଯେମିତିକି ପୂର୍ବରୁ ବର୍ଣ୍ଣନା ହୋଇ ସାରିଛି । ହଜରତ୍ ଖାଲିଦ୍ ର ଅ ଆସିମ୍ ବିନ୍ ଅମରୋ ଙ୍କୁ ତାକୁ ଗିରଫ କରିବା ପାଇଁ ପ୍ରେରଣ କଲେ । ସେ ତାକୁ (ଅର୍ଥାତ ଅକିଦରକୁ)ଗିରଫ କରିଲେ । ତାର ପୂର୍ବ ବିଶ୍ୱାସଘଷାତକତା ଯୋଗୁଁ ହଜରତ୍ ଖାଲିଦ୍ ର ଅ ତାକୁ ହତ୍ୟା କରିବା ପାଇଁ ଆଦେଶ ଦେଲେ । ସୁତରାଂ ତାକୁ ହତ୍ୟା କରିଦିଆଗଲା । ଏହିପରି ଅଲ୍ଲାଃ ତାଲା ତା ବିଶ୍ୱାସଘାତକତା ହେତୁ ତାକୁ ନିଶେଷ କରିଦେଲେ ।

**(ଉଦ୍ଧୃତ ପୁସ୍ତକ ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ,ପୃ-୪୧୯, ମୁଦ୍ରିତ ଅଲଫୁରକାନ୍ ମୁଜଫର୍ ଗଢ଼)**

ଆଉ କେତେକ ରିୱାୟତରୁ ଏହା ମଧ୍ୟ ଜଣା ପଡୁଛି ଯେ ତାକୁ ବନ୍ଦୀ କରି ମଦିନା ଅଣାଯାଇଥିଲା ଏବଂ ହଜରତ୍ ଉମର୍ ର ଅଙ୍କ ଖିଲାଫତ୍ କାଳରେ ତାକୁ ମୁକୁଳା ଯାଇଥିଲା । ସେ ପୁଣି ମଦିନାରୁ ଇରାକ ଚାଲିଗଲା । ସେ ସେଠାରେ ଅଇନଲ୍ ତମର୍ ଇଲାକାର ଦୌମାଃଠାରେ ନିଜ ଶେଷ ଜୀବନ ପର୍ଯ୍ୟନ୍ତ ରହିଲା । **(ଉଦ୍ଧୃତାଂଶ ହଜରତ୍ ଅବୁ ବକର୍ ସିଦ୍ଦିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ , ପୃ-୩୨୮ ଇସଲାମୀ କୁତୁବ ଖାନାଃ ଲାହୋର୍)** ଏହିପରି ଦୁଇଟି ରିୱାୟତ ମିଳୁଛି ।

ସେ ଯାହା ବି ହେଉ ଦୌମାଃର ଲୋକମାନଙ୍କ ସହିତ ଯେଉଁ ଯୁଦ୍ଧ ହୋଇଥିଲା,ସେ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ର ଅ ଆଗକୁ ଅଗ୍ରସର ହୋଇ ଦୌମାଃ ପହଂଚିଲେ । ହଜରତ୍ ଖାଲିଦ୍ ର ଅ ଦୌମାଃକୁ ନିଜର ତଥା ହଜରତ୍ ଅୟାଜ୍ ର ଅଙ୍କ ସେନାର ମଧ୍ୟସ୍ଥଳକୁ ନେଇଗଲେ । ଦୁମାଃବାସୀଙ୍କୁ ସାହାଯ୍ୟ କରିବାକୁ ଆସିଥିବା ଆରବୀୟ ଖ୍ରୀଷ୍ଟିଆନ୍‌ମାନେ କିଲ୍ଲାର ବାହ୍ୟ ପାର୍ଶ୍ୱରେ ମୃତୟନ ଥିଲେ । କାରଣ କିଲ୍ଲା ଭିତରେ ସେମାନଙ୍କ ନିମନ୍ତେ କୌଣସି ସ୍ଥାନ ନଥିଲା । ଯେତେବେଳେ ହଜରତ୍ ଖାଲିଦ୍ ର ଅ ଆରାମରେ ଯୁଦ୍ଧ ପାଇଁ ଧାଡ଼ି ସଳଖ କରିସାରିଲେ,ଦୌମାଃର ସର୍ଦାରମାନେ କିଲ୍ଲାରୁ ବାହାରି ହଜରତ୍ ଖାଲିଦ୍ ର ଅ ଙ୍କ ଉପରେ ଆକ୍ରମଣ କରିଦେଲେ । ଦୁଇ ଦଳ ମଧ୍ୟରେ ଭିଷଣ ଯୁଦ୍ଧ ହେଲା । ପରିଶେଷରେ ହଜରତ୍ ଖାଲିଦ୍ ର ଅ ଏବଂ ହଜରତ୍ ଅୟାଜ୍ ର ଅ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରିଥିଲେ । ହଜରତ୍ ଖାଲିଦ୍ ର ଅ ଜୁଦି ନାମକ ଜଣେ ସର୍ଦାର ଏବଂ ହଜରତ୍ ଅକ୍‌ରଅ ବିନ୍ ହାବିସ୍ ର ଅ ୱଦିୟାକୁ ଗିରଫ କଲେ । ସେ କଲବ କବିଲାର ସର୍ଦାର ଥିଲା । ବାକି ଲୋକେ ପଛକୁ ଫେରି ଦୁର୍ଗ ଭିତରେ ପଶି ଦୁର୍ଗକୁ ବନ୍ଦ କରିଦେଲେ । କିନ୍ତୁ କିଲ୍ଲା ଭିତରେ ଯଥେଷ୍ଟ ସ୍ଥାନ ନଥିଲା । ଯେବେ ତାହା ପୂର୍ଣ୍ଣ ହୋଇଗଲା,ସେତେବେଳେ ଦୁର୍ଗ ଭିତରେ ଥିବା ଲୋକମାନେ ଅନେକ ଲୋକଙ୍କୁ ବାହାରେ ଛାଡ଼ି କିଲ୍ଲାର ଫାଟକକୁ ବନ୍ଦ କରିଦେଲେ । ସେଇଥିପାଇଁ ବାହାରେ ରହିଯାଇଥିବା ଲୋକେ ଅସୁବିଧାର ସମ୍ମୁଖିନ ହୋଇ ଦ୍ୱନ୍ଦ୍ୱରେ ଏଣୁ ତେଣୁ ଘୂରି ବୁଲିଲେ । ଆସିମ୍ ବିନ୍ ଅମରୋ କହିଲେ ହେ ବନୁ ତମିମ୍ ! ନିଜ ସହଯୋଗୀ କଲବ୍ କବିଲାକୁ ସାହାଯ୍ୟ କର ଓ ସେମାନଙ୍କୁ ଶରଣ ଦିଅ । କାରଣ ସେମାନଙ୍କୁ ସାହାଯ୍ୟ କରିବାର ଏମିତି ଅବସର ଆଉ ତୁମକୁ କେବେ ବି ମିଳିବ ନାହିଁ । ଏହା ଶୁଣି ବନୁ ତମିମ୍ ସେମାନଙ୍କୁ ସାହାଯ୍ୟ କଲେ । ସେହି ଦିନ ଆସିମ୍ ଙ୍କ ଶରଣ ଯୋଗୁଁ କଲବ୍ କବିଲାର ଜୀବନ ରକ୍ଷା ହୋଇଥିଲା । ଯେଉଁମାନେ କିଲ୍ଲା ଆଡ଼କୁ ପଳାୟନ କରିଚାଲି ଯାଉଥିଲେ,ସେମାନଙ୍କର ଅନୁଧାବନ ହଜରତ୍ ଖାଲିଦ୍ ର ଅ କରି ଏତେ ମାତ୍ରାରେ ହତ୍ୟା କଲେ ଯେ ସେମାନଙ୍କ ଶବଗୁଡ଼ିକରେ କିଲ୍ଲାର ଫାଟକ (ଦ୍ୱାରଦେଶ) ଅବରୋଧ ହୋଇଗଲା । ପୁଣି ଜୁଦି ଏବଂ ତା ସହିତ ରହିଥିବା ବାକି କଏଦୀମାନଙ୍କୁ ବି ହତ୍ୟା କରିଲେ । କେବଳ କଲବ କବିଲାର କଏଦୀମାନେ ରକ୍ଷା ପାଇଗଲେ । କାରଣ ଆସିମ୍ ଏବଂ ଅକ୍‌ରଅ ତଥା ବନୁ ତମିମ୍ କହିଥିଲେ ଯେ ଆମେ ସେମାନଙ୍କୁ ଶରଣ ଦେଇଛୁ । ପୁଣି ହଜରତ୍ ଖାଲିଦ୍ ର ଅ କିଲ୍ଲାର ଫାଟକ ଉପରେ ଅନବରତ ଘେରି ରହିଲେ । ଏପରିକି ସେ ସେହି ଫାଟକକୁ ଭାଙ୍ଗି ଶାନ୍ତି ଅନୁଭବ କଲେ । ସୁତରାଂ ମୁସଲମାନମାନେ କିଲ୍ଲା ଭିତରେ ପ୍ରବେଶ କରିଗଲେ । ଯୁଦ୍ଧଖୋର ଲୋକମାନଙ୍କୁ ହତ୍ୟା କରାଗଲା ଏବଂ ନବ ଯୁବକମାନଙ୍କୁ ବନ୍ଦୀ କରାଗଲା ।

**(ତାରିଖେ ତିବରୀ ଅଜ୍ ଅବୁ ଜାଫର୍ ମୁହମ୍ମଦ୍ ବିନ୍ ଜରିର୍ , ଖ-୦୨,ପୃ-୩୨୫,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍ ୨୦୧୨)**

ଏହି ବିଜୟ ପରେ ହଜରତ୍ ଖାଲିଦ୍ ର ଅ ଅକ୍‌ରଅ ବିନ୍ ହାବିସ୍‌କୁ ଅମ୍ବାର୍ ଫେରିବାକୁ ଆଦେଶ ଦେଲେ ଏବଂ ନିଜେ ଦୌମତୁଲ୍ ଜନ୍ଦଲ୍‌ଠାରେ ଅବସ୍ଥାନ କଲେ ।

**(ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ , ପୃ-୨୯୩)**

ଦୌମତୁଲ୍ ଜନ୍ଦଲ୍‌କୁ ବିଜୟ କରିବା ପରେ ମୁସଲମାନମାନଙ୍କୁ ଯୁଦ୍ଧ ଦୃଷ୍ଟି କୋଣରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମିଳିଗଲା । କାରଣ ଦୌମତୁଲ୍ ଜନ୍ଦଲ୍ ଏମିତି ରାସ୍ତାରେ ଅବସ୍ଥିତ ଥିଲା ଯେଉଁ ରାସ୍ତାର ତିନି ଦିଗରୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା ବାହାରିଥିଲା ।

ଦକ୍ଷିଣରେ ଆରବ ଉପଦ୍ୱୀପ,ଉତର ପୂର୍ବରେ ଇରାକ ଏବଂ ଉତର ପଶ୍ଚିମରେ ସିରିଆ । ସ୍ୱଭାବିକ ଭାବେ ଏହି ସହର ହଜରତ୍ ଅବୁ ବକର୍ ର ଅଙ୍କ ଏବଂ ତାଙ୍କ ସୈନ୍ୟବାହିନୀ,ଯେଉଁମାନେ ଇରାକରେ ମୃତୟନ ଥିଲେ ଏବଂ ସିରିଆର ସୀମାରେ ରହିଥିଲେ,ସେମାନଙ୍କ ପାଇଁ ଏହା ଧ୍ୟାନ ଆକର୍ଷଣର କେନ୍ଦ୍ର ତଥା ସୁସଂଗଠିତ ହେବାର ସମୟ ଥିଲା । ଏହି କାରଣରୁ ହଜରତ୍ ଅୟାଜ୍ ର ଅ ଦୌମତୁଲ୍ ଜନ୍ଦଲ୍ ରୁ ବାହାରକୁ ବାହାରିଲେ ନାହିଁ । ବରଂ ସେଠାରେ ଦୃଢ ଭାବରେ ରହିଲେ ଏବଂ ହଜରତ୍ ଖାଲିଦ୍ ର ଅଙ୍କ ଅପେକ୍ଷା କଲେ । ଯଦି ଦୌମତୁଲ୍ ଜନ୍ଦଲ୍ ମୁସଲମାନମାନଙ୍କ କବ୍ଜାରେ ଆସିନଥାନ୍ତା,ତାହେଲେ ଇରାକରେ ମୁସଲିମ୍ ସେନାଙ୍କ ପାଇଁ ବିପଦକୁ ସମ୍ମୁଖିନ କରିବାକୁ ପଡ଼ିଥାନ୍ତା ।

**(ଉଦ୍ଧୃତ ପୁସ୍ତକ ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ,ପୃ-୪୧୯-୪୨୦, ମୁଦ୍ରିତ ଅଲଫୁରକାନ୍ ମୁଜଫର୍ ଗଢ଼)**

ପୁଣି ତାପରେ ହସିଦ୍ ଯୁଦ୍ଧ ଏବଂ ଖନାଫିସ୍ ଯୁଦ୍ଧ ବିଷୟରେ ଉଲ୍ଲେଖ ରହିଛି । ହସିଦ୍ କୁଫା ଏବଂ ସିରିଆ ମଧ୍ୟରେ ଥିବା ଗୋଟିଏ ଛୋଟିଆ ଉପତ୍ୟକାର ନାମ । ଖନାଫିସ୍ ଇରାକ ପାର୍ଶ୍ୱରେ ଥିବା ଅମ୍ବାର ନିକଟସ୍ଥ ଗୋଟିଏ ସ୍ଥାନର ନାମ । ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଯେତେବେଳେ ଦୌମତୁଲ୍ ଜନ୍ଦଲ୍‌ଠାରେ ଥିଲେ ଏବଂ ଅଣଆରବୀୟମାନେ ହଜରତ୍ ଖାଲିଦ୍ ର ଅ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ରରେ ଲିପ୍ତ ରହିଥିଲେ । ଆକାଃର ପ୍ରତିଶୋଧ ନେବା ପାଇଁ ସେହି ଦ୍ୱୀପର ଆରବୀୟମାନେ ଅଜମୀ (ଅଣଆରବୀୟ)ମାନଙ୍କ ସହିତ ମିଶି ଏହି ଷଡ଼ଯନ୍ତ୍ର କରିଥିଲେ । ସୁତରାଂ ବାଗଦାଦରୁ ଜରମହର୍ ଏବଂ ତା ସହିତ ରୋଜବାଃ ଅମ୍ବାର ଅଭିମୁଖେ ଯାତ୍ରା କଲେ ଏବଂ ଦୁହେଁ ହସିଦ୍ ଏବଂ ଖନାଫିସ୍ ଠାରେ ଭେଟ କରିବା ପାଇଁ ପ୍ରତିଶ୍ରୃତି ଏବଂ ପ୍ରତିଜ୍ଞା କଲେ । ହିରାଃଠାରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ଡ଼େପୁଟି ହଜରତ୍ କାଅକାଅ ବିନ୍ ଅମରୋ ର ଅ ଏହି ଖବର ଶୁଣିଲେ,ତେଣୁ ସେ ଆବଦ୍ ବିନ୍ ଫିଦକିଙ୍କୁ ହସିଦ୍‌ରେ ପହଂଚିବା ପାଇଁ ଆଦେଶ ଦେଲେ ଏବଂ ଉରୱା ଜାଦଙ୍କୁ ଖନାଫିସ୍ ଆଡ଼କୁ ପଠାଇଲେ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଦୌମାଃରୁ ଯେବେ ହିରାଃ ଲେଉଟିଲେ,ସେତେବେଳେ ତାଙ୍କୁ ଏହାର ଖବର ମିଳିଲା । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କର ମଦାଇନ୍ ଅଭିମୁଖେ ଯାତ୍ରା କରିବାର ଉଦ୍ଦେଶ୍ୟ ଥିଲା । କିନ୍ତୁ ସେ ସେଠାରେ ପହଂଚି ଯେବେ ସେ ଏ ବିଷୟରେ ଜାଣିଲେ,ସେତେବେଳେ ସେ ହଜରତ୍ କାଅକାଅ ବିନ୍ ଅମରୋ ଏବଂ ଅବୁ ଲୌଲାଃଙ୍କୁ ରୋଜବାଃ ଏବଂ ଜରମହର ସହିତ ଯୁଦ୍ଧ କରିବା ପାଇଁ ପଠାଇଦେଲେ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ନିକଟକୁ ଉମରୁଲ୍ କୈସ୍ କଲବୀଙ୍କର ଗୋଟିଏ ଚିଠି ଅସିଲା । ସେ କାଜାଅ କବିଲା ଏବଂ କଲବ୍ କବିଲା ଉପରେ ରସୁଲୁଲ୍ଲାଃ ସ ଆ ସଙ୍କ ଆମିଲ୍ (କର୍ମକର୍ତା) ଥିଲେ । ହଜରତ୍ ଅବୁ ବକର୍ ର ଅଙ୍କ ଖିଲାଫତ୍ ସମୟରେ ସେ ଇସଲାମ୍ ଉପରେ ପ୍ରତିଷ୍ଠିତ ଥିଲେ । ତାଙ୍କର ଚିଠି ମିଳିଲା ଯେ ହଜିଲ୍ ବିନ୍ ଇମରାନ୍ ମସିଖ୍ ଠାରେ ଏବଂ ରବିୟାଃ ବିନ୍ ବଜିର୍ ସନା ଏବଂ ବଶରଠାରେ ସୈନ୍ୟବାହିନୀ ଏକତ୍ର କରିଛନ୍ତି । ଏମାନେ ଆକାଃର ପ୍ରତିଶୋଧ ନେବା ପାଇଁ ରୋଜବାଃ ଏବଂ ଜରମହର ନିକଟକୁ ଯାଉଛନ୍ତି । ଏହା ଜଣା ପଡ଼ିବା ମାତ୍ରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ହିରାଃଠାରେ ହଜରତ୍ ଅୟାଜ୍ ବିନ୍ ଗନମ୍ ର ଅଙ୍କୁ ନିଜର ନାଏବ୍(ଡ଼େପୁଟି) ଭାବରେ ନିଯୁକ୍ତ କରିଲେ ଏବଂ ନିଜେ ସେଠାରୁ ଚାଲିଗଲେ । ସେ ଖନାଫିସ୍ ଯିବା ପାଇଁ ସେହି ରାସ୍ତାକୁ ଆପଣାଇଲେ,ଯେଉଁ ରାସ୍ତା ଦେଇ କାଅକାଅ ଏବଂ ଅବୁ ଲୌଲାଃ ଯାଇଥିଲେ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଯାଇ ଉଭୟଙ୍କୁ ଅଇନୁଲ୍ ତମରଠାରେ ଭେଟିଲେ । ସେଠାରେ ଯାଇ ସେ ହଜରତ୍ କାଅକାଅ ର ଅଙ୍କୁ ସେନାର ଅମୀର (ସେନାପତି) କଲେ ଏବଂ ତାଙ୍କୁ ହସିଦ୍ ଅଭିମୁଖେ ପ୍ରେରଣ କଲେ । ଅବୁ ଲୌଲାଃଙ୍କୁ ଖନାଫିସ୍ ଅଭିମୁଖେ ପ୍ରେରଣ କଲେ । ପୁଣି ସେହି ଦୁଇଜଣଙ୍କୁ ଏ ଆଦେଶ ଦେଲେ ଯେ ଶତ୍ରୁ ଏବଂ ସେମାନଙ୍କୁ ଉସୁକାଉଥିବା ଲୋକମାନଙ୍କୁ ଘେରି ଯାଇ ଗୋଟିଏ ସ୍ଥାନରେ ଏକାଠି କରିଦେବ । ଯଦି ସେମାନେ ଏକତ୍ରିତ ନହୁଅନ୍ତି,ତାହେଲେ ସେହି ଅବସ୍ଥାରେ ହିଁ ସେମାନଙ୍କ ଉପରେ ଆକ୍ରମଣ କରିଦେବ । ହଜରତ୍ କାଅକାଅ

ଯେତେବେଳେ ଦେଖିଲେ ଯେ ଜରମହର୍ ଏବଂ ରୋଜବାଃ କୌଣସି ପ୍ରକାରର ପ୍ରକାରର ମୁଭମେଂଟ କରୁ ନାହାନ୍ତି ,ସେ ହସିଦ୍ ଆଡ଼କୁ ଅଗ୍ରସର ହେଲେ । ସେପଟର ଆରବୀୟ ତଥା ଅଣ ଆରବୀୟ ସେନାର ସର୍ଦାର ରୋଜବାଃ ଥିଲା । ଯେବେ ସେ ଦେଖିଲା ଯେ କାଅକାଅ ତା ଆଡ଼କୁ ଆସୁଛନ୍ତି ,ସେ ଜରମହରଠାରୁ ସାହାଯ୍ୟ ଲୋଡ଼ିଲା । ଜରମହର୍ ନିଜ ସେନା ଉପରେ ଜଣେ ଡ଼େପୁଟିକୁ ମୃତୟନ କଲା ଏବଂ ନିଜେ ରୋଜବାଃଙ୍କ ସାହାଯ୍ୟ ନିମନ୍ତେ ଆସିଲା । ହସିଦ୍ ଠାରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହେଲା । ଭୟଙ୍କର ଯୁଦ୍ଧ ହେଲା । ଅଲ୍ଲାଃ ତାଲା ଅଣଆରବୀୟମାନଙ୍କ ବହୁ ସଂଖ୍ୟକ ଲୋକଙ୍କୁ ହତ୍ୟା କରାଇଦେଲେ । କାଅକାଅ ଜରମହରକୁ ହତ୍ୟା କଲେ । ପୁଣି ରୋଜବାଃଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା । ଏହି ଯୁଦ୍ଧରେ ମୁସଲମାନମାନଙ୍କ ନିକଟକୁ ବହୁ ମାତ୍ରାରେ ମାଲେ ଗନିମତ୍ ମିଳିଥିଲା । ହସିଦଠାରୁ ପଳାୟନ କରିଯାଇଥିବା ଲୋକମାନେ ଖନାଫିସ୍ ଠାରେ ଯାଇ ଏକତ୍ରିତ ହେଲେ । ଖନାଫିସ୍ ଯୁଦ୍ଧ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ଅବୁ ଲୈଲାଃ ନିଜ ସେନା ଏବଂ ସେନା ପଛେ ପଛେ ସେନାକୁ ସାହାଯ୍ୟ କରିବାକୁ ଆସୁଥିବା ସଶକ୍ତିକରଣକୁ ସାଥିରେ ଧରି ଖନାଫିସ୍ ଅଭିମୁଖେ ବାହାରିଲେ । ହସିଦରୁ ପରାସ୍ତ ହୋଇଥିବା ସେନା ଜରମହର୍‌ର ଡ଼େପୁଟି ନିକଟରେ ଯାଇ ପହଂଚିଲେ । ଯେବେ ସେ ମୁସଲମାନମାନଙ୍କ ଆଗମନ ବିଷୟରେ ଜାଣିଲା,ସେ ଖନାଫିସ୍ ଛାଡ଼ି ସମସ୍ତଙ୍କୁ ସାଥିରେ ଧରି ମସିଖ୍ ପଳାୟନ କଲା । ସେଠିକାର ଅଫିସର୍ ହଜିଲ୍ ଥିଲା । ଖନାଫିସ୍ ବିଜୟ ପାଇଁ ଅବୁ ଲୈଲାଃଙ୍କୁ କୌଣସି ପ୍ରକାରର ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିନଥିଲା । ଏହି ସମସ୍ତ ବିଜୟର ସୂଚନା ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଙ୍କ ନିକଟକୁ ପ୍ରେରଣ କରିଦିଆଗଲା ।

**(ତାରିଖେ ତିବରୀ ,ଖ-୦୨,ପୃ-୩୨୫-୩୨୬ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ମୁଅଜମୁଲ୍ ବୁଲଦାନ୍ ,ଖ-୦୨,ପୃ-୩୦୭,୪୪୬)(ଅଲକାମିଲ୍ ଫିତ୍ ତାରିଖ୍ ,ଖ-୦୨,ପୃ-୨୦୫,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)**

ମସିଖ୍ ଯୁଦ୍ଧ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କୁ ହସିଦ୍‌ର ଅଧିବାସୀ ଏବଂ ଖନାଫିସର ଲୋକମାନେ ପଳାୟନ କରିଯିବାର ସୂଚନା ମିଳିଲା । ସେ ହଜରତ୍ କାଅକାଅ , ଅବୁ ଲୈଲାଃ ଆବଦ୍ ଏବଂ ଉରୁୱାଙ୍କୁ ଗୋଟିଏ ଚିଠି ଲେଖିଲେ । ସେହି ଚିଠିରେ ସେ ତାଙ୍କୁ ଗୋଟିଏ ରାତିରେ ଗୋଟିଏ ନିର୍ଦ୍ଧାରିତ ସମୟରେ ମସିଖ୍ଠାରେ ଭେଟ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ମସିଖ୍ ହୁରାନ୍ ଏବଂ କଲତ୍ ନାମକ ସ୍ଥାନର ମଧ୍ୟରେ ଅବସ୍ଥିତ ଥିଲା । ହୁରାନ୍ ମଧ୍ୟ ଦମସ୍କ ନିକଟରେ ଥିବା ଗୋଟିଏ ବିସ୍ତୃତ ଅଂଚଳ । ସେଠାରେ ଅନେକ ବସ୍ତି ଏବଂ ବହୁ ମାତ୍ରାରେ ଚାଷ ଜମି ରହିଛି । ହଜରତ୍ ଖାଲିଦ୍ ର ଅ ଅଇନୁଲ୍ ତମର୍‌ରୁ ମସିଖ୍ ଅଭିମୁଖେ ଯାତ୍ରା କଲେ ଏବଂ ନିର୍ଦ୍ଧାରିତ ହୋଇଥିବା ରାତିରେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଏବଂ ତାଙ୍କ ଅଫିସରମାନେ ମାସିଖ୍ ଉପରେ ଅଚାନକ ଆକ୍ରମଣ କରିଦେଲେ ଏବଂ ହଜିଲ୍ , ତା ସେନା ଏବଂ ସେମାନଙ୍କ ନିକଟରେ ଶରଣ ନେଇଥିବା ଲୋକମାନଙ୍କ ଉପରେ ତିନି ପାର୍ଶ୍ୱରୁ ଆକ୍ରମଣ କରିଦେଲେ । ହଜିଲ୍ କିଛି ଲୋକଙ୍କ ସହିତ ନିଜ ଜୀବନକୁ ବଂଚାଇ ସେଠାରୁ ପଳାୟନ କଲା ।

**(ତାରିଖେ ତିବରୀ ,ଖ-୦୨,ପୃ-୩୨୬ ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ଫର୍‌ହଙ୍ଗ୍ ସିରତ୍ ,ପୃ-୧୦୯ ଜୱାର୍ ଏକାଡ଼େମୀ କରାଚି)**

ଏହି ଯୁଦ୍ଧ ସମୟରେ ଦୁଇଜଣ ଏପରି ମୁସଲମାନ୍ ଇସଲାମୀୟ ସେନା ହାତରେ ନିହତ ହୋଇଥିଲେ,ଯେଉଁମାନେ ମସିଖ୍ଠାରେ ରହୁଥିଲେ ଏବଂ ସେମାନଙ୍କ ନିକଟରେ ହଜରତ୍ ଅବୁ ବକର୍ ର ଅଙ୍କ ଦ୍ୱାରା ଦିଆଯାଇଥିବା ଅମାନ ନାମା (ଆଶ୍ରୟ ପ୍ରତିଶୃତି ଲେଖା) ମଧ୍ୟ ଥିଲା । ଯେତେବେଳେ ହଜରତ୍ ଅବୁ ବକର୍ ର ଅଙ୍କୁ ସେମାନଙ୍କ ନିହତ ହେବାର ଖବର ପହଂଚିଲା,ସେତେବେଳେ ସେ ସେମାନଙ୍କ ରକ୍ତ ବଦଳରେ ଅର୍ଥ ପ୍ରଦାନ କରିଦେଇଥିଲେ । ହଜରତ୍ ଉମର୍ ର ଅ ଜିଦ୍ଧି କଲେ ଯେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ଙ୍କୁ ତାଙ୍କର ଏପରି କର୍ମ ଯୋଗୁଁ ଦଣ୍ଡ ମିଳିବା ଉଚିତ । ହଜରତ୍ ଉମର୍ ର ଅ ବହୁତ କ୍ରୋଧରେ ଥିଲେ ଯେ କାହିଁକି ମୁସଲମାନଙ୍କୁ ହତ୍ୟା କରାଗଲା । କିନ୍ତୁ ହଜରତ୍ ଅବୁ ବକର୍ ର ଅ କହିଲେ ଯେ ଯେଉଁ ମୁସଲମାନ୍ ଶତୃଙ୍କ ସହିତ ମିଶି ଶତୃଙ୍କ ଦେଶରେ ରହିବେ ,ସେମାନଙ୍କ ସହିତ ଏପରି ଘଟିଯିବା କିଛି ବଡ କଥା ନୁହେଁ । ଏମିତି ହୁଏ । ତେବେ ସେ ଯାହା ବି ହେଉ ହଜରତ୍ ଅବୁ ବକର୍ ର ଅ ସେମାନଙ୍କ ପିଲାମାନଙ୍କ ପ୍ରତିପୋଷଣ ଏବଂ ଯତ୍ନ ନେବା ପାଇଁ ଏକ ୱ୍ସିୟତ୍ (ଇଚ୍ଛାପତ୍ର) ମଧ୍ୟ କରିଥିଲେ । **(ହଜରତ୍ ସୟଦନା ଅବୁ ବକର ସିଦ୍ଦିକ୍ ର ଅ ଅଜ୍ ହୈକଲ୍ ,ପୃ-୩୧୧)(ତାରିଖେ ତିବରୀ ,ଖ-୦୨,ପୃ-୩୨୭ ,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)**

ସନା ଏବଂ ଜମିଲ୍ ଘଟଣାବଳୀ । ଜମିଲ୍ ହେଉଛି ଗୋଟିଏ ସ୍ଥାନ । ତା ନାମ ବଶର ମଧ୍ୟ ଆସିଛି । ଏହା ସନା ସ୍ଥାନ ସହିତ ସଲଗ୍ନ । ଅଇନୁଲ୍ ତମର ଯୁଦ୍ଧରେ ନିହତ ହୋଇଥିବା ଅକାଃର ପ୍ରତିଶୋଧ ନେବା ପାଇଁ ରବିୟାଃ ବିନ୍ ବଜିର୍ ନିଜ ସେନାକୁ ସାଥିରେ ଧରି ସନା ଏବଂ ବଶର୍ ନାମକ ସ୍ଥାନରେ ଅବତରଣ କଲା । ହଜରତ୍ ଖାଲିଦ୍ ର ଅ ମସିଖ୍ ଯୁଦ୍ଧରେ ବିଜୟ ପ୍ରାପ୍ତ କରି କାଅକାଅ ଏବଂ ଅବୁ ଲୈଲାଙ୍କୁ ନିଜ ଆଗରେ ପଠାଇଦେଲେ ଏବଂ ଗୋଟିଏ ରାତି ନିର୍ଦ୍ଧାରିତ କରିଲେ ଯେ ଆମେ ସମସ୍ତେ ମସିଖ୍ ସଦୃଶ ଏଠାରେ ବି ତିନୋଟି ଭିନ୍ନ ଦିଗରୁ ଶତ୍ରୁ ଉପରେ ଆକ୍ରମଣ କରିବା । ତାପରେ ହଜରତ୍ ଖାଲିଦ୍ ର ଅ ମସିଖ୍ ଠାରୁ ଚାଲି ବିଭିନ୍ନ ସ୍ଥାନ ଦେଇ ଜମିଲ୍ ଠାରେ ପହଂଚିଥିଲେ । ହଜରତ୍ ଖାଲିଦ୍ ର ଅ ସନାଠାରୁ ଆରମ୍ଭ କଲେ । ଏଠାରେ ତାଙ୍କର ଦୁଇଜଣ ସାଥି ମଧ୍ୟ ଆସି ତାଙ୍କ ସହିତ ମିଶି ଗଲେ । ଏହି ତିନି ଜଣ ରାତି ସମୟରେ ତିନି ପାର୍ଶ୍ୱରୁ ରବିୟାଃର ସେନା,ଯେଉଁମାନେ ବହୁତ ଗର୍ବର ସହିତ ଯୁଦ୍ଧ ଲଢିବା ପାଇଁ ଏକତ୍ରିତ ହୋଇଥିଲେ,ସେମାନଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ତରବାରୀ ସାହାଯ୍ୟରେ ସେମାନଙ୍କୁ ଏମିତି ପୋଛି ଦେଲେ ଯେ ସେମାନଙ୍କ ମଧ୍ୟରୁ କୌଣସି ବି ଲୋକ ସେଠାରୁ ପଳାୟନ କରି ଅନ୍ୟ କେଉଁଠାରେ ଏହାର ଖବର ବି ଦେଇପାରିଲେ ନାହିଁ । ରବିୟାଃ ଶେଷ ହୋଇଯିବାର ଖବର ତାଙ୍କ ନିକଟରେ ପହଂଚିବା ପୂର୍ବରୁ ହଜରତ୍ ଖାଲିଦ୍ ର ଅ ତାଙ୍କ ଉପରେ ତିନି ପାର୍ଶ୍ୱରୁ ଆକ୍ରମଣ କରିଦେଇଥିଲେ । ଏହି ଯୁଦ୍ଧରେ ମଧ୍ୟ ବହୁତ ଲୋକଙ୍କ ପ୍ରାଣହାନି ହୋଇଥିଲା ଏବଂ ଅସଂଖ୍ୟ ମାଲେ ଗନିମତ୍ ମୁସଲମାନମାନଙ୍କ ହାତକୁ ଆସିଥିଲା । ହଜରତ୍ ଖାଲିଦ୍ ର ଅ ମାଲେ ଗନିମତକୁ ମୁସଲମାନମାନଙ୍କ ମଧ୍ୟରେ ବଂଟନ କରିଦେଲେ । ଖୁମୁସ୍ (ଯୁଦ୍ଧରେ ଜିଣା ଯାଇଥିବା ଧନସମ୍ପତିର ଏକ ପଂଚମାଂଶ ଧନ)କୁ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପ୍ରେରଣ କରିଦେଲେ । ହଜରତ୍ ଖାଲିଦ୍ ର ଅ ବଶର ନିକଟସ୍ଥ ଏକ ସ୍ଥାନ ରିଜାବ୍ ଆଡ଼କୁ ଗଲେ । ସେଠିକାର ଅଧିକାରୀ ଥିଲେ ହିଲାଲ୍ ବିନ୍ ଆକାଃ । ତା ସେନାକୁ ଯେବେ ହଜରତ୍ ଖାଲିଦ୍ ର ଅ ଙ୍କ ଆଗମନର ସୂଚନା ମିଳିଲା ,ସେମାନେ ତାଠାରୁ ଅଲଗା ହୋଇଗଲେ । ତେଣୁ ବାଧ୍ୟ ହୋଇ ହିଲାଲ୍ ସେଠାରୁ ପଳାୟନ କଲା ଏବଂ ମୁସଲମାନମାନେ ବିନା କୌଣସି ଅସୁବିଧାରେ ରିଜାବକୁ ନିଜ ଅଧିନରେ କବ୍ଜା କରିନେଲେ । **(ତାରିଖେ ତିବରୀ ,ଖ-୦୨,ପୃ-୩୨୭-୩୨୮,ଦାରୁଲ୍ କୁତୁବୁଲ୍ ଅଲମିୟାଃ ବେରୁତ୍)(ମୁଅଜମୁଲ୍ ବୁଲଦାନ୍ , ଖ-୦୩, ପୃ-୧୭୦, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)**

ପୁଣି ଗୋଟିଏ ଯୁଦ୍ଧର ନାମ ହେଉଛି ଫରାଜ୍ । ଫରାଜ୍ ହେଉଛି ବସରାଃ ଏବଂ ୟମାମାଃ ମଧ୍ୟସ୍ଥ ଗୋଟିଏ ସ୍ଥାନର ନାମ । ଏଠାରେ ସିରିଆ,ଇରାକ ଏବଂ ଦ୍ୱୀପପୁଞ୍ଜର ରାସ୍ତା ଆସି ମିଳିତ ହୋଇଥାଏ । ଏହି ଯୁଦ୍ଧ ମୁସଲମାନ୍ ଏବଂ ରୋମୀୟ ମାନଙ୍କ ମଧ୍ୟରେ ଜୁଲ୍ କାଦାଃ ୧୨ ହିଜରୀରେ ଫରାଜଠାରେ ଅନୁଷ୍ଠିତ ହୋଇଥିଲା । ସେଥିସକାଶେ ଏହି ଯୁଦ୍ଧର ନାମ ଫରାଜ ଯୁଦ୍ଧ ଭାବରେ ପ୍ରସିଦ୍ଧ ହୋଇଗଲା । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ରିଜାବ ଉପରେ ବିଜୟ ପ୍ରାପ୍ତ କରି ଫରାଜରେ ପହଂଚିଲେ । ଏହି ଯାତ୍ରାରେ ହଜରତ୍ ଖାଲିଦ୍ ର ଅ ଅନେକ ଯୁଦ୍ଧର ସମ୍ମୁଖିନ ହୋଇଥିଲେ । ସେଠାରେ ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ରମଜନ ମାସର ରୋଜା ବି ରଖି ପାରିଲେ ନାହିଁ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅଙ୍କ ଆକସ୍ମିକ ଆକ୍ରମଣ ଏବଂ ତାଙ୍କ ବିରୁଦ୍ଧରେ ଆସିଥିବା କବିଲାଗୁଡ଼ିକ ପରାସ୍ତ ହେବାର ଖବର ସମଗ୍ର ଇରାକରେ ବ୍ୟାପି ଯାଇଥିଲା ଏବଂ ମରୁଭୂମିରେ ବସବାସ କରୁଥିବା ସମସ୍ତ କବିଲା ଭୟଭୀତ ହୋଇପଡ଼ିଥିଲେ । ସେମାନେ ମୁସଲମାନମାନଙ୍କ ସାମନାରେ ଅସ୍ତ୍ରତ୍ୟାଗ କରି ଆତ୍ମସମର୍ପଣ କରିବାକୁ ଏବଂ ତାଙ୍କ ଆଜ୍ଞା ଗ୍ରହଣ କରିବାକୁ ଉଚିତ ମଣିଲେ । ହଜରତ୍ ଖାଲିଦ୍ ବିନ୍ ୱ୍ଲିଦ୍ ର ଅ ନିଜ ସୈନ୍ୟସାମନ୍ତଙ୍କ ସହିତ ଫୁରାନ ନଦୀ କୂଳେ କୂଳେ ଉତର ଦିଗକୁ ଅଗ୍ରସର ହେବାକୁ ଲାଗିଲେ । ସେ ଯେଉଁଠାରେ ବି ପହଂରୁଥିଲେ,ସେଠିକାର ବାସିନ୍ଦାମାନେ ତାଙ୍କ ସହିତ ଶାନ୍ତି ସ୍ଥାପନ କରିନେଉଥିଲେ ଏବଂ ତାଙ୍କ ଆଜ୍ଞା ପାଳନ କରିବାକୁ ମାନି ନେଉଥିଲେ । ପରିଶେଷରେ ସେ ଫରାଜଠାରେ ପହଂଚିଗଲେ,ଯେଉଁଠାରେ ସିରିଆ,ଇରାକ ଏବଂ ଉପଦ୍ୱୀପଗୁଡ଼ିକର ସୀମା ମିଳିତ ହେଉଥିଲା । ଫରାଜ ଇରାକ ଏବଂ ସିରିଆର ଉତର ଦିଗରେ ଅବସ୍ଥିତ । ଯଦି ଅୟାଜ୍ ବିନ୍ ଗନମ୍‌ଙ୍କୁ ଭାଗ୍ୟ ସାଥି କରିଥାନ୍ତା ଏବଂ ସେ ପ୍ରାରମ୍ଭରୁ ହିଁ ଦୁମତୁଲ୍ ଜନ୍ଦଲ୍‌କୁ ପରାସ୍ତ କରିଥାନ୍ତେ,ତାହେଲେ ବୋଧହୁଏ ଖାଲିଦ୍ ଏଠାରେ ପହଂଚି ନଥାନ୍ତେ । କାରଣ ହଜରତ୍ ଅବୁ ବକର୍ ର ଅ ଙ୍କ ଉଦ୍ଦେଶ୍ୟ ସମଗ୍ର ଇରାକ୍ ତଥା ସମଗ୍ର ସିରିଆକୁ ଜୟ କରିବାର ନଥିଲା । ସେ କେବଳ ଏହା ଚାହୁଁଥିଲେ ଯେ ଏହି ଦୁଇ ଦେଶର ସୀମା ଯାହା ଆରବ ସହିତ ଆସି ମିଶିଛି,ସେଠାରେ ଶାନ୍ତି ଏବଂ ସ୍ଥିରତା ସ୍ଥାପନ ହୋଇଯାଉ ଓ ଇରାନୀ ଏବଂ ରୋମୀମାନେ ଆରବମାନଙ୍କ ଉପରେ ଆକ୍ରମଣ ନକରନ୍ତୁ । କିନ୍ତୁ ଅଲ୍ଲାଃ ତାଲାଙ୍କ ବିଧିର ବିଧାନ ଏହା ଥିଲା ଯେ ଏହି ଦୁଇଟି ଦେଶ ସମ୍ପୂର୍ଣ୍ଣ ରୂପେ ମୁସଲମାନମାନଙ୍କ ଅଧିନରେ ଆସିଯାଉ । ଅତେବ୍ ସେ ଏପରି ସାଧନ ସୃଷ୍ଟି କରିଦେଲେ ଯେ ଖାଲିଦ୍ ର ଅ ଇରାକି ଜନଜାତି ଗୁଡ଼ିକୁ ବଶୀଭୂତ କରିବା ପାଇଁ ଉତରର ଚରମ ସୀମା ପର୍ଯ୍ୟନ୍ତ ଚାଲିଗଲେ । ସୁତରାଂ ଏହିପରି ଭାବରେ ମୁସଲମାନମାନଙ୍କ ପାଇଁ ଉପର ପାର୍ଶ୍ୱରୁ ସିରିଆ ଉପରେ ଆକ୍ରମଣ କରିବାର ମାର୍ଗ ଖୋଲିଗଲା ।

ଇରାନୀ ସୀମାରୁ ରୋମୀମାନଙ୍କ ଉପରେ ଆକ୍ରମଣ କରିବାର ଉପାୟ ମିଳିଯିବା ଏପରି ଗୋଟିଏ ଚମତ୍କାର ଥିଲା,ଯାହାର କଳ୍ପନା ହଜରତ୍ ଅବୁ ବକର୍ ର ଅ ମଧ୍ୟ କରିନଥିଲେ । ଏହି କୀର୍ତିମାନ ଏପରି ଜଣେ ବ୍ୟକ୍ତିଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା ଯାହାର ଦୃଷ୍ଟାନ୍ତ/ଉଦାହରଣ ସୃଷ୍ଟି/ଜନ୍ମ କରିବାରେ ଆରବ ତଥା ଅଣଆରବ ମହିଳାମାନେ ବାସ୍ତବିକ ଅସମର୍ଥ ଥିଲେ । ଯେମିତି କି ହଜରତ୍ ଅବୁ ବକର୍ ର ଅ କହିଥିଲେ । ଫରାଜଠାରେ ଖାଲିଦ୍‌ଙ୍କୁ ସମ୍ପୂର୍ଣ୍ଣ ଏକ ମାସ ପର୍ଯ୍ୟନ୍ତ ରହିବାକୁ ପଡ଼ିଥିଲା । ଏଠାରେ ବି ସେ ସେହିପରି ସାହସ,ନିଷ୍ଠା ଏବଂ ଧୈର୍ଯ୍ୟ ରକ୍ଷା କରିଥିଲେ ଯେ ତାହା ଏକ ଉଦାହରଣ ଥିଲା । ସେ ଚରିପଟୁ ଶତୃମାନଙ୍କ ଦ୍ୱାରା ଘେରି ରହିଥିଲେ । ପୂର୍ବ ପାର୍ଶ୍ୱରେ ଇରାନୀ ଥିଲେ,ଯେଉଁମାନେ ତାଙ୍କ ରକ୍ତ ପିପାସୁ ଥିଲେ । ପଶ୍ଚିମରେ ରୋମୀୟମାନେ ଥିଲେ, ସେମାନଙ୍କର ଭାବନା ଏହା ଥିଲା ଯେ ଯଦି ଏ ସମୟରେ ଖାଲିଦ୍‌ଙ୍କ ମଣ୍ଡଳୀକୁ ଧ୍ୱଂସ ନକରାଯାଏ ତାହେଲେ ଖାଲିଦଙ୍କର ଏହି ବନ୍ୟାକୁ ଚେଷ୍ଟା କଲେ ବି ରୋକିବ ନାହିଁ । ରୋମୀୟ ଏବଂ ମୁସଲମାନମାନଙ୍କ ମଧ୍ୟରେ କେବଳ ଏକମାତ୍ର ପ୍ରତିବନ୍ଧକ ଥିଲା ଫୁରାତ ନଦୀ । ତାହା ବ୍ୟତୀତ ଚାରି ପାଖରେ ବେଦୁଇନ୍

ଜନଜାତି ବାସ କରୁଥିଲେ । ସେମାନଙ୍କର ବଡ଼ ବଡ଼ ସର୍ଦାରମାନଙ୍କୁ ହତ୍ୟାକରି ଖାଲିଦ୍ ସେମାନଙ୍କ ମନରେ ପ୍ରତିଶୋଧର ଏକ ଅହରହ ଜଳୁଥିବା ବହ୍ନି ଜଳାଇ ରଖିଥିଲେ । ଏହିପରି ସଂକଟପୂର୍ଣ୍ଣ ଗୁରୁତର ପରିସ୍ଥିତି ବିଷୟରେ ହଜରତ୍ ଖାଲିଦ୍ ଅବଗତ ନଥିଲେ । ଯଦି ସେ ଚାହିଁଥାନ୍ତେ,ତାହେଲେ ହିରାଃ ଫେରି ଆସି ନିଜର ଶକ୍ତି ଏବଂ ସାମର୍ଥ୍ୟକୁ ବଢାଇ ପୁଣି ରୋମୀମାନଙ୍କ ସହିତ ମୁହାଁମୁହିଁ ହେବାକୁ ଯାଇପାରିଥାନ୍ତେ । କିନ୍ତୁ ସେ ଏପରି କଲେନାହିଁ । କାରଣ ଶତୃକୁ ସମ୍ମୁଖରେ ଦେଖି ଖାଲିଦ୍ଙ୍କ ନିମନ୍ତେ ଧୈର୍ଯ୍ୟ ଧରିବା ଅସମ୍ଭବ ଥିଲା । ତାଙ୍କର ସ୍ୱଭାବ ଏପରି ଥିଲା । ତାଙ୍କ ଦୃଷ୍ଟିରେ ଇରାନୀ କ'ଣ ବା ବେଡୁଇନ୍ କ'ଣ,ସମସ୍ତେ ନ୍ୟୁନ ମନେ ହେଉଥିଲେ । ସେମାନଙ୍କ ମହାନ ସୈନ୍ୟବାହିନୀକୁ ନା ତ ସେ କେବେ ଖାତିର କରିଥିଲେ ଏବଂ ନା ଆସନ୍ତାକୁ କେବେ ଖାତିର କରିବାକୁ ପ୍ରସ୍ତୁତ ଥିଲେ । ତେଣୁ ସେ ବହୁତ ସନ୍ତୁଷ୍ଟତାର ସହିତ ଯୁଦ୍ଧ ପ୍ରସ୍ତୁତିରେ ନିୟୋଜିତ ରହିଲେ । ସେପଟେ ରୋମୀୟମାନଙ୍କୁ ଖାଲିଦଙ୍କ ସହିତ କୌଣସି ମାମଲା ହୋଇନଥିଲା । ତେଣୁ ସେମାନେ ତାଙ୍କ ଆକ୍ରମଣର ତୀବ୍ରତା ବିଷୟରେ ଜାଣି ନଥିଲେ । ଯେବେ ଇସଲାମୀୟ ସେନା ଫରାଜଠାରେ ଏକାଠି ହେଲେ ଏବଂ ବରାବର୍ ଏକମାସ ପର୍ଯ୍ୟନ୍ତ ସେମାନଙ୍କ ସମ୍ମୁଖରେ ଛାଉଣି ପକାଇ ରହିଲେ,ସେମାନଙ୍କୁ ବହୁତ ଯୋଶ୍ ଆସିଲା । ଫଳତଃ ସେମାନେ ନିଜ ନିକଟସ୍ଥ ଇରାନୀ ପୋଷ୍ଟଗୁଡ଼ିକରୁ ସାହାଯ୍ୟ ମାଗିଲେ ।

ଇରାନୀମାନେ ବହୁତ ଖୁସିରେ ରୋମୀୟମାନଙ୍କୁ ସାହାଯ୍ୟ କଲେ । କାରଣ ମୁସଲମାନମାନେ ସେମାନଙ୍କୁ ବହୁତ ଅପମାନିତ କରିଥିଲେ ଏବଂ ସେମାନଙ୍କ ଗର୍ବ ଏବଂ ଗୌରବକୁ ମାଟିରେ ମିଶାଇଦେଇଥିଲେ । ଇରାନୀମାନଙ୍କ ବ୍ୟତୀତ ତଗଲବ୍ ,ଅୟାଦ୍ ଏବଂ ନମର୍‌ର ଆରବୀୟ ଜନଜାତିମାନେ ମଧ୍ୟ ରୋମୀମାନଙ୍କୁ ସମ୍ପୂର୍ଣ୍ଣ ରୂପେ ସାହାଯ୍ୟ କଲେ । କାରଣ ସେମାନେ ନିଜ ସର୍ଦାରମାନଙ୍କୁ ତଥା ମୁଖିଆ ଓ ବିଶିଷ୍ଟ ଲୋକମାନଙ୍କ ହତ୍ୟାକୁ ଭୂଲିନଥିଲେ । ସୁତରାଂ ରୋମୀ ,ଇରାନୀ ଏବଂ ଆରବୀୟ ଜନଜାତିମାନଙ୍କର ଗୋଟିଏ ବିରାଟ ସୈନ୍ୟବାହିନୀ ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ବାହାରିଲେ । ଫୁରାତ ନଦୀଠାରେ ପହଂଚି ସେ ମୁସଲମାନମାନଙ୍କୁ ଏକ ବାର୍ତା ପଠାଇଲେ ଯେ ତୁମେମାନେ ନଦୀକୁ ପାର ହୋଇ ଆମ ନିକଟକୁ ଆସିବ ନା ଆମେ ନଦୀ ପାର ହୋଇ ତୁମମାନଙ୍କ ନିକଟକୁ ଆସିବୁ ? ହଜରତ୍ ଖାଲିଦ୍ ର ଅ ଉତର ଲେଖି ପଠାଇଲେ ଯେ ତୁମେମାନେ ଆମ ପାଖକୁ ଚାଲି ଆସ । ତୁମେ ଲଢିବାକୁ ଆସିଛ ଯଦି ଆମ ଆଡ଼କୁ ଆସ । ସୁତରାଂ ଶତୃପକ୍ଷର ସେନା ନଦୀ ପାର ହୋଇ ଆର ପାରିରେ ଓହ୍ଲାଇବାକୁ ଲାଗିଲେ । ଏହି ସମୟରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜ ସୈନ୍ୟବାହିନୀର ସ୍ଥିତିକୁ ଭଲ ଭାବରେ ଧାଡ଼ି ଇତ୍ୟାଦି ପ୍ରସ୍ତୁତ କରି ସେମାନଙ୍କୁ ଶତୃଙ୍କ ସହିତ ଲଢିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ କରିଦେଲେ । ଯେତେବେଳେ ଯୁଦ୍ଧ ଆରମ୍ଭ ହେବାର ବେଳ ଆସିଲା,ରୋମୀୟ ସେନାର ସେନାପତି ତାଙ୍କ ସେନାକୁ ଏ ନିର୍ଦ୍ଦେଶ ଦେଲା ଯେ ଏଠାରେ ଉପସ୍ଥିତ ସମସ୍ତ କବିଲାଗୁଡ଼ିକ ଅଲଗା ଅଲଗା ହୋଇଯାଅ । ଏତଦ୍ୱାରା ଜଣାପଡ଼ିଯିବ ଯେ କେଉଁ ଦଳ କେତେ ଉଲ୍ଲେଖନୀୟ କାର୍ଯ୍ୟ କରିଛି । ଅତେବ୍ ସମଗ୍ର ଦଳ ନିଜ ନିଜ ସର୍ଦାରଙ୍କ ସହିତ ଅଲଗା ଅଲଗା ହୋଇଗଲେ । ଯେତେବେଳେ ଯୁଦ୍ଧ ଆରମ୍ଭ ହେଲା,ହଜରତ୍ ଖାଲିଦ୍ ର ଅ ନିଜ ସେନାକୁ ଆଦେଶ ଦେଲେ ଯେ ସେମାନେ ଚାରିପଟୁ ଶତୃଙ୍କୁ ଘେରି ରହନ୍ତୁ ଏବଂ ସେମାନଙ୍କୁ ଗୋଟିଏ ଯାଗାରେ ନେଇ ଏକତ୍ରୀତ କରିଦିଅନ୍ତୁ । ସେମାନଙ୍କ ଏହିପରି କ୍ରମାଗତ ଭାବରେ ଏମିତି ଆକ୍ରମଣ କରନ୍ତୁ ଯେ ଯେମିତି ସେମାନଙ୍କୁ ସମ୍ଭାଳିବା ପାଇଁ କୌଣସି ଆବସର ହିଁ ମିଳିପାରିବ ନାହିଁ । ସୁତରାଂ ସେହିପରି ହିଁ ହେଲା । ଇସଲାମୀୟ ସୈନ୍ୟ ରୋମୀୟ ସେନାକୁ ଘେରିଯାଇ ଗୋଟିଏ ସ୍ଥାନରେ ଏକାଠି କରିଦେଲେ ଏବଂ ସେମାନଙ୍କ ଉପରେ ଜୋରଦାର ଆକ୍ରମଣ କରିଦେଲେ । ରୋମୀ ଏବଂ ସେମାନଙ୍କ ସହଯୋଗୀମାନେ ଏହା ଭାବିଥିଲେ ଯେ ସେମାନେ କବିଲା ଗୁଡ଼ିକୁ ଅଲାଗା ଅଲଗା ପଠାଇ ଯୁଦ୍ଧକୁ ଟିକିଏ ଲମ୍ୱା କରିଦେବେ ଏବଂ ମୁସଲମାନମାନେ ଥକିଯିବେ । ଫଳତଃ ସେମାନେ ଜୋରଦାର୍ ଆକ୍ରମଣ କରି ମୁସଲମାନମାନଙ୍କୁ ସମ୍ପୂର୍ଣ୍ଣ ରୂପେ ପରାଜିତ କରିଦେବେ । କିନ୍ତୁ ସେମାନଙ୍କର ଏପରି ଭାବନା ବ୍ୟର୍ଥ ପ୍ରମାଣିତ ହେଲା ଏବଂ ସେମାନଙ୍କର ଏହି ଯୋଜନା ସ୍ୱଂୟ ସେମାନଙ୍କ ଉପରେ ହିଁ ଓଲଟି ପଡ଼ିଲା ।

ଯେବେ ମୁସଲମାନମାନେ ସେମାନଙ୍କୁ ଗୋଟିଏ ସ୍ଥାନରେ ନେଇ ଏକାଠି କରି ସେମାନଙ୍କ ଉପରେ ଆକ୍ରମଣ କରିଦେଲେ,ସେମାନେ ତାହା ସହି ପାରିଲେ ନାହିଁ । ସୁତରାଂ ଖୁବ୍ ଶୀଘ୍ର ପରାଜିତ ହୋଇ ଯୁଦ୍ଧ କ୍ଷେତ୍ରରୁ ପଳାୟନ କଲେ । କିନ୍ତୁ ମୁସଲମାନମାନେ ସେମାନଙ୍କୁ କେଉଁଠି ଛାଡ଼ିଥାନ୍ତେ ,ସେମାନେ ତାଙ୍କ ପଛେ ପଛେ ଗୋଡ଼ାଇ ଗୋଡ଼ାଇ ବହୁ ଦୂର ପର୍ଯ୍ୟନ୍ତ ଯାଇ ହତ୍ୟାକଲେ । ସମସ୍ତ ଐତିହାସିକ ମାନେ ଏକଥାରେ ଏକମତ ଯେ ଏହି ଯୁଦ୍ଧରେ ଯୁଦ୍ଧ କ୍ଷେତ୍ରରେ ଏବଂ ତାପରବର୍ତୀ ଅନୁଧାବନରେ ଶତୃପକ୍ଷର ଏକ ଲକ୍ଷ ଲୋକ ନିହତ ହୋଇଥିଲେ । ଏହି ବିଜୟ ପରେ ହଜରତ୍ ଖାଲିଦ୍ ର ଅ ଫରାଜଠାରେ ଦଶ ଦିନ୍ ରହିଲେ ଏବଂ ୨୫ ଜୁଲ୍ କାଦାଃ ୧୨ ହିଜରୀରେ ସେ ନିଜ ସୈନ୍ୟବାହିନୀକୁ ହିରାଃ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଲେ । **(ହଜରତ୍ ସୟଦନା ଅବୁ ବକର୍ ସିଦ୍ଧିକ୍ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ୍ ମୁତରଜିମ୍ ,ପୃ-୩୧୨-୩୧୫ ,ବୁକ୍ କର୍ଣ୍ଣର୍ ଶୋ ରୁମ୍ ଝେଲମ୍)(ତାରିଖେ ତିବରୀ , ଖ-୦୨, ପୃ-୩୨୮, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)(ମୁଅଜମୁଲ୍ ବୁଲଦାନ୍ , ଖ-୦୪, ପୃ-୨୭୬, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)**

ଜଣେ ଲେଖକ ଯୁଦ୍ଧ ବିଷୟରେ ମନ୍ତବ୍ୟ ଦେଇ ଲେଖିଛନ୍ତି ଯେ ମୁସଲମାନମାନେ ହଜରତ୍ ଅବୁ ବକର୍ ରଅ ଙ୍କ ଖିଲାଫତ୍ ସମୟରେ ପ୍ରଥମ ଥର ପାଇଁ ରୋମୀ ଏବଂ ଇରାନୀ ଉଭୟ ମହାଶକ୍ତି ଏବଂ ସେମାନଙ୍କ ସହଯୋଗୀ ଆରବୀୟ ସେନାର ମୁକାବିଲା କଲେ । ଏହା ସତ୍ତ୍ୱେ ମଧ୍ୟ ମୁସଲମାନମାନଙ୍କୁ ଏକ ବଡ଼ ବିଜୟ ମିଳିଲା । ନିସନ୍ଦେହ ସେହି ଯୁଦ୍ଧ ଏକ ଐତିହାସିକ ଏବଂ ନିର୍ଣ୍ଣାୟକ ଯୁଦ୍ଧ ଥିଲା । ଯଦିଓ ତାକୁ ଅନ୍ୟ ପ୍ରମୂଖ ଯୁଦ୍ଧମାନଙ୍କ ସଦୃଶ ଏତେ ଖ୍ୟାତି ମିଳି ନଥିଲା କିନ୍ତୁ ସେହି ଯୁଦ୍ଧ ଦ୍ୱାରା କୁଫାର୍ (ଅବିଶ୍ୱାସକାରୀ) ମାନଙ୍କ ଆଭ୍ୟନ୍ତରୀଣ ଶକ୍ତିକୁ ନଷ୍ଟ କରିଦେଲା । ତାହା ଇରାନ ହୋଇଥାନ୍ତୁ କି ରୋମୀ ବା ଆରବୀୟ ହୋଇଥାନ୍ତୁ କି ଇରାକି । ଇରାକରେ ଖାଲିଦ୍ ସୈଫୁଲ୍ଲାଃ ଯେଉଁ ଯୁଦ୍ଧ ଜୟ କରିଥିଲେ,ଏହା ତାହାର ଶେଷ କଡ଼ି ଥିଲା । ଏହି ଯୁଦ୍ଧ ପରେ ଇରାନୀୟମାନଙ୍କ ଗର୍ବ ଏବଂ ଗୌରବ ମାଟିରେ ମିଶିଗଲା । ପୁଣି ତାପରେ ସେମାନଙ୍କୁ ଆଉ ସେପରି ଯୁଦ୍ଧଶକ୍ତି ହାସଲ ହୋଇପାରିନଥିଲା,ଯାହା ଦ୍ୱାରା ମୁସଲମାନମାନେ ଭୟଭୀତ ହୋଇପାରିଥାନ୍ତେ । **(ସୟଦନା ଅବୁ ବକର୍ ସିଦ୍ଧିକ୍ ର ଅ ଶଖସିୟତ୍ ଓ୍ୱ କାରନାମେ ଅଜ୍ ସଲାବୀ ,ପୃ-୪୨୩)**

ଆଉ ଜଣେ ଐତିହାସିକ ଫରାଜ ଯୁଦ୍ଧର ଗୁରୁତ୍ୱ ବିଷୟରେ ଏମିତି କିଛିଟା ବର୍ଣ୍ଣନା କରିଛନ୍ତି ଯେ ଉଲୈସଠାରେ ମୁସଲମାନମାନଙ୍କୁ ବିଜୟ ମିଳିବା ପରେ ଇରାନୀ ସେନାର ଅଂଟା ଭାଙ୍ଗିଗଲା । ହଜରତ୍ ଖାଲିଦ୍ ର ଅ ତାଙ୍କର ଯୁଦ୍ଧ ଅଭିଯାନା ଜାରି ରଖିଲେ ଏବଂ ଯଥାକ୍ରମେ ଅମଗିଶିୟା, ହିରାଃ , ଅମ୍ବାର , ଅଇନୁଲ୍ ତମର୍ ଏବଂ ଦୈମତୁଲ୍ ଜନ୍ଦଲ୍ ଯୁଦ୍ଧ ଜିଣିଲେ । ପରିଶେଷରେ ଫରାଜ୍ ନାମକ ସ୍ଥାନରେ ଯାଇ ପହଂଚିଲେ । ଫରାଜ୍ ଫୁରାତ୍ ନଦୀ କୂଳରେ ଅବସ୍ଥିତ ଗୋଟିଏ ସହର ଥିଲା । ତାହା ରୋମାନ୍ ସାମ୍ରାଜ୍ୟର ଅତି ନିକଟରେ ଅବସ୍ଥିତ ଥିଲା । ସେଠାରେ ରୋମୀୟ, ଇରାନୀୟ ଏବଂ ଇସାଇ କବିଲାଗୁଡ଼ିକର ଏକ ମିଳିତ ସୈନ୍ୟବାହିନୀ ମୁସଲମାନମାନଙ୍କ ବିରୁଦ୍ଧରେ ଲଢିଥିଲା । କିନ୍ତୁ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ କୁଫାର(ଅବିଶ୍ୱାସକାରୀମାନଙ୍କ)ର ଏହି ବିଶାଳ ଦଳକୁ ମଧ୍ୟ ପରାସ୍ତ କରିଥିଲେ । ଫାତେହ୍ ଇରାକ (ଇରାକର ବିଜେତା) ସୟଦନା ଖାଲିଦ୍ ବିନ୍ ୱଲିଦ୍ ର ଅ ଇରାକକୁ ଏକ ବର୍ଷ ଦୁଇ ମାସ ଅବଧି ମଧ୍ୟରେ ଜୟ କରିଥିଲେ । ତାଙ୍କ ସହିତ ମୋଟ ଦଶ ହଜାର୍ ସୈନିକ ଥିଲେ ଏବଂ ଉଣା ଅଧିକେ ପ୍ରାୟ ସେତିକି ସଂଖ୍ୟାରେ ଅନ୍ୟ ଇସଲାମୀୟ କମାଣ୍ଡର ମାନଙ୍କ ସହିତ ଥିଲେ । ଏତେ କମ୍ ସଂଖ୍ୟକ ସୈନ୍ୟବାହିନୀ ଏତେ କମ ସମୟରେ ଏପରି ଚମତ୍କାର ଉଲ୍ଲେଖନୀୟ କୀର୍ତି ଇତିହାସରେ ମିଳିବା ବିରଳ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ପ୍ରତ୍ୟେକ ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କୁ ପରାଜୟର ସମ୍ମୁଖିନ ହେବାକୁ ପଡ଼ି ନଥିଲା । ରସୁଲୁଲ୍ଲାଃ ସ ଆ ସ ଙ୍କ ଦରବାରରେ ତାଙ୍କୁ ସୈଫୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ତରବାରୀ)ର ଆଖ୍ୟା ମିଳିଥିଲା । ସେ ସେହି ଆଖ୍ୟାର ହକ୍ କୁ ନିର୍ବାହ କରିଥିଲେ । ପୁଣି ସେ ଯେଉଁ ଇଲାକାଗୁଡ଼ିକୁ ଜୟ କରିଥିଲେ,ସେହି ଇଲାକାରେ ଏତେ ବଢିଆ ବ୍ୟବସ୍ଥା କରିଥିଲେ ଯେ ଲୋକମାନେ ଇରାନୀ ସରକାରଙ୍କ ଅପେକ୍ଷା ଆରବୀୟ ସରକାରକୁ ପସନ୍ଦ କରିବାକୁ ଲାଗିଲେ । ସେ ଯାହା ବି ହେଉ ଇରାକର ଶେଷ ବିଜୟ ଥିଲା ଫରାଜ ଉପରେ ବିଜୟ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଦଶ ଦିନ ପର୍ଯ୍ୟନ୍ତ ଫରାଜଠାରେ ରହିଲେ । ପୁଣି ତାପରେ ସେ ଅଧା ସୈନ୍ୟବାହିନୀକୁ ସାଥିରେ ଧରି ସିରିଆ ଅଭିଯାନରେ ବାହାରି ପଡ଼ିଲେ ।

ଇରାକର ବିଜୟ ଉପରେ ଟିକିଏ ନଜର ପକାଇବା । ସେ ସମ୍ବନ୍ଧରେ ଉଲ୍ଲେଖ ରହିଛି ଯେ ଇରାକ ଉପରେ ଆକ୍ରମଣ ବହୁତ ବଡ଼ ସଫଳତାର ସଂକେତ ଥିଲା । ସେଠାରେ ମୁସଲମାନମାନେ ପାରସ୍ୟ ସୈନ୍ୟବାହିନୀ,ଯେଉଁମାନେ ତାଙ୍କ ତୁଳନାରେ ସଂଖ୍ୟାରେ ଅଧିକା ଥିଲେ ଏବଂ ଯୁଦ୍ଧ ଅସ୍ତ୍ରଶସ୍ତ୍ରରେ ବହୁତ ଶକ୍ତିଶାଳୀ ଥିଲେ,ଏହା ସତ୍ତ୍ୱେ ମଧ୍ୟ ମୁସଲମାନମାନେ ସେମାନଙ୍କ ଉପରେ କ୍ରମାଗତ ଭାବରେ ଆକ୍ରମଣ କରି ଥରକୁ ଥରକୁ ପରାସ୍ତ କରିଚାଲିଲେ । ଏହା ମନେ ରଖିବା ଉଚିତ ଯେ ପାରସ୍ୟ ସେନା ସେ ସମୟରେ ସବୁଠାରୁ ଘାତକ ସେନା ବିବେଚନା ହେଉଥିଲା । ସିଦ୍ଧିକି (ଅର୍ଥାତ ହଜରତ୍ ଅବୁ ବକର୍ ର ଅ)ଙ୍କ ଖିଲାଫତ ସମୟରେ ତାହା ଏକ ମହାନ ସଫଳତା ଓ ମହାନ କୀର୍ତି ଥିଲା ଯାହାର ଉଦାହରଣ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ ......*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍ତି ନୂହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ:* *Abdul Chand & Family,*
*Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ:* *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**ଓଡ଼ିଆ ବଦର ସଂଖ୍ୟା ୪୧-୪୨ ପୃ-୦୯ରେ ପ୍ରକାଶିତ ଖୁତବା ଜୁମା ୨୯ ଜୁଲାଇ ୨୦୨୨ରଅବଶିଷ୍ଟାଂଶ.....**

ଯେତେବେଳେ ହିରାଃକୁ ଜୟ କରାଗଲା, ହଜରତ୍ ଖାଲିଦ୍ ର ଅ ଫତହ ନମାଜ (ବିଜୟ ପ୍ରାପ୍ତ କରିବା ଯୋଗୁଁ କୃତଜ୍ଞତା ଜ୍ଞାପନ କରିବା ନିମନ୍ତେ ନମାଜ) ପାଠ କଲେ । ସେହି ନମାଜରେ ଆଠ ରେକାତ ଗୋଟିଏ ସଲାମରେ ପାଠ କରିଥିଲେ । ଅର୍ଥାତ ଏକାଠି ଆଠ ରେକାତ ନମାଜ ପଢ଼ିଥିଲେ । ସେହି କାମ ଶେଷ କରି ଆସିଲେ ଓ କହିଲେ ଯେ ଯେବେ ମୌତା ଯୁଦ୍ଧରେ ମୁଁ ଲଢିଥିଲି,ସେତେବେଳେ ମୋ ହାତରେ ନଅଟି ତରବାରୀ ଭାଙ୍ଗିଯାଇଥିଲା । ମୁଁ କେବେ ବି ଏମିତି କୌଣସି କୌମ ସହିତ ଯୁଦ୍ଧ କରିନାହିଁ ଯେମିତି ମୁଛ ଏହି ପାରସ୍ୟ କୌମ ସହିତ ଯୁଦ୍ଧ କରିଛି ଏବଂ ମୁଁ ପାରସ୍ୟବାସୀଙ୍କ ମଧ୍ୟରୁ ଏମିତି କୌଣସି ଜାତି ସହିତ ଏମିତି ଯୁଦ୍ଧ କରିନାହିଁ ଯେମିତି ମୁଁ ଉଲୈସ୍ ସହିତ କରିଅଛି । **(ତାରିଖେ ତିବରୀ ଖ-୦୨ ପୃ-୩୧୬-୩୧୯ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ପଣି ଉଲ୍ଲେଖ ରହିଛି ଯେ ସେହି ଲୋକମାନେ ହଜରତ୍ ଖାଲିଦ୍ ର ଅଙ୍କ ସେବାରେ ଉପହାର ବି ପଠାଇଥିଲେ । କିନ୍ତୁ ହଜରତ୍ ଖାଲିଦ୍ ର ଅ ସୁସମାଚାର ସହିତ ସେହି ଉପହାରକୁ ହଜରତ୍ ଅବୁ ବକର୍ ର ଅଙ୍କ ନିକଟକୁ ପ୍ରେରଣ କରିଦେଲେ । ହଜରତ୍ ଅବୁ ବକର୍ ର ଅ ମଧ୍ୟ ନ୍ୟାୟ ତଥା ଉଦାରତାର ଉଚ୍ଚ ଦୃଷ୍ଟାନ୍ତ ଉପସ୍ଥାପନ କରି ସେହି ସମସ୍ତ ଉପହାରଗୁଡ଼ିକୁ ଜିଜିଆରେ ଗଣନା କରି ଗ୍ରହଣ କରିନେଲେ ଏବଂ ହଜରତ୍ ଖାଲିଦ୍ ର ଅଙ୍କୁ ଲେଖିଲେ ଯେ ଯଦି ଏହାସବୁ ଜିଜିଆରେ ସାମିଲ ଅଛି ତାହେଲେ ଠିକ୍ ଅନ୍ୟଥା ତୁମେ ଏସବୁକୁ ଜିଜିଆରେ ସାମିଲ୍ କରି ଅବଶିଷ୍ଟ ଅର୍ଥକୁ ଅସୁଲ କର । ଅର୍ଥାତ ସେହି ଜିନିଷଗୁଡ଼ିକୁ ଉପହାର ସଦୃଶ ଗ୍ରହଣ କଲେ ନାହିଁ । ବରଂ ଜିଜିଆ ଭାବରେ ଗ୍ରହଣ କଲେ । ମୁସଲମାନମାନେ ହିରାଃର ସ୍ଥାନୀୟ ବାସିନ୍ଦାମାନଙ୍କ ସହିତ ବହୁତ ଉଦାରଚିତରେ ବ୍ୟବହାର କରିଥିଲେ । ଏହି ବ୍ୟବହାରକୁ ଦେଖି ଆଖପାଖର ଜମିଦାରମାନେ, ସମ୍ଭ୍ରାନ୍ତମାନେ ମଧ୍ୟ ଜିଜିଆ ଦେବାପାଇଁ ରାଜି ହୋଇଗଲେ ଏବଂ ମୁସଲମାନମାନଙ୍କ ଅଧିନତାରେ ରହିବାକୁ ପସନ୍ଦ କଲେ । **(ହଜରତ୍ ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଅଜ୍ ମୁହମ୍ମଦ୍ ହୁସୈନ୍ ହୈକଲ,ମୁତରଜିମ୍ ପୃ-୩୧୮-୩୧୯ ଇସଲାମୀ କୁତୁବଖାନାଃ ଲାହୋର୍)**

ହିରାଃ ଉପରେ ବିଜୟ ପ୍ରାପ୍ତ କରିବା ଏକ ମହାନ ସାମରିକ ବିଜୟ ଭାବରେ ପ୍ରମାଣିତ ହେଲା ।

ଏତତଦ୍ୱାରା ମୁସଲମାନମାନଙ୍କ ଆଖିରେ ପାରସ୍ୟ ବିଜୟ କରିବାର ଆଶା ସଂଚାର ହେଲା । କାରଣ ଇରାକ ଏବଂ ପାରସ୍ୟ ସାମ୍ରାଜ୍ୟ ପାଇଁ ଏହି ସହରଟି ଭୌଗଳିକ ଦୃଷ୍ଟି କୋଣରୁ ତଥା ସାହିତ୍ୟିକ ଦୃଷ୍ଟି କୋଣରୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଥିଲା । ତାକୁ ଇସଲାମୀୟ ସେନାର ମହାନ ସେନାପତି ନିଜର ମର୍କଜ (କେନ୍ଦ୍ରସ୍ଥଳୀ) ଏବଂ ମୁଖ୍ୟାଳୟ ଭାବରେ ଘୋଷଣା କରିଲେ,ଯେଉଁଠାରୁ ଇସଲାମୀୟ ସେନାକୁ ଏକତ୍ର କରିବା ,ପ୍ରତିରକ୍ଷା ପାଇଁ ପ୍ରସ୍ତୁତି କରିବା ଏବଂ ଶାନ୍ତି ଶୃଙ୍ଖଳା ତଥା ସାହାଯ୍ୟ ସହଯୋଗ କରିବା ପାଇଁ ଆଦେଶ ଦିଆଯାଉଥିଲା । କଏଦିମାନଙ୍କ ପ୍ରସଙ୍ଗରେ ଶାନ୍ତି ଶୃଙ୍ଖଳା ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତି ଏବଂ ରାଜନୀତିର କେନ୍ଦ୍ର ବନାଇଲେ । ସେଠାରୁ ହଜରତ୍ ଖାଲିଦ୍ ର ଅ ଖିରାଜ ଏବଂ ଜିଜିଆକୁ ଅସୁଲ୍ କରିବା ପାଇଁ ବିଭିନ୍ନ ରାଜ୍ୟ ଉପରେ ଆମିଲ୍ (କର୍ମକର୍ତା ଅଧିକାରୀ) ନୁଯୁକ୍ତ କରିଥିଲେ । ସେହିପରି ସେ ଶତୃମାନଙ୍କଠାରୁ ସୁରକ୍ଷା ପାଇବା ନିମନ୍ତେ ସୀମା ଉପରେ ଅମୀରମାନଙ୍କୁ ନିଯୁକ୍ତ କରିଥିଲେ । ନିଜେ ସେଠାରେ ରହି ଶାନ୍ତି ବ୍ୟବସ୍ଥାର ସ୍ଥିରତା ନିମନ୍ତେ କାର୍ଯ୍ୟରେ ଲାଗିଗଲେ । ତାଙ୍କର ଖବର ଜମିଦାର ଏବଂ ମୁଖିଆମାନଙ୍କ ନିକଟରେ ପହଂଚିଲା । ସେମାନେ ଆପଣ ର ଅଙ୍କ ସହିତ ପୁନଃ ସମନ୍ୱୟ ସ୍ଥାପନ କରିବା ପାଇଁ ଆଗେଇ ଆସିଲେ । ଯେତେବେଳେ ସେମାନେ ଦେଖିଲେ ଯେ ଏହି ଲୋକମାନେ ବିଜୟ ପାଇଚାଲିଛନ୍ତି, ସେମାନେ ସମନ୍ୱୟ ସ୍ଥାପନ କରିନେଲେ । ସୱାଦ୍ , ଇରାକ ଏବଂ ତାହାର ଆଖପାଖରେ କେହି ଏମିତି ବାକି ନଥିଲେ ,ଯେଉଁମାନେ ମୁସଲମାନମାନଙ୍କ ସହିତ ମସାଲିହତ୍ (ସମନ୍ୱୟ) ଏବଂ ଚୁକ୍ତି କରିନଥିଲେ ।**(ସୟଦନା ଅବୁ ବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ଉର୍ଦ୍ଦୁ ପୃ-୪୧୨, ଅଲଫୁରକାନ୍ ଷ୍ଟ୍ରିଟ୍ ମୁଜଫର୍ଗଢ଼)**

ହଜରତ୍ ଖାଲିଦ୍ ର ଅ ଏକ ବର୍ଷ ପର୍ଯ୍ୟନ୍ତ ହିରାଃଠାରେ ରହିଲେ । ପୁଣି ସିରିଆ ଆଡ଼କୁ ଯିବା ପୂର୍ବରୁ ତାହାର ଉପର ତଥା ତଳିଆ ଅଂଚଳକୁ ଗସ୍ତ କରୁଥିଲେ ଏବଂ ପାରସ୍ୟବାସୀ ରାଜା ବନାଇଚାଲୁଥିଲେ ଓ ସେହି ରାଜାମାନଙ୍କୁ ବହିଷ୍କାର କରିଚାଲିଥିଲେ । **(ତାରିଖେ ତିବରୀ ଖ-୦୨ ପୃ-୩୨୧ ମୁଦ୍ରିତ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍ ୨୦୧୨)**

ଅର୍ଥାତ ପାରସ୍ୟର ଲୋକମାନେ କଣ କଲେ ? ସେଠାରେ କେବଳ ରାଜା ହେବାରେ ଲାଗିଲେ ଏବଂ ବହିଷ୍କାର ହୋଇଚାଲିଲେ । ଯେତେବେଳେ ଇରାକର ପରିବେଶ ଅନୁକୂଳ ହେବାକୁ ଲାଗିଲା ଏବଂ ହିରାଃ ତଥା ଦଜଲାଃ ମଧ୍ୟରେ ଆରବ ଅଂଚଳରୁ ପାରସ୍ୟ ଶାସନ ସମାପ୍ତ ହୋଇଯିବା ଯୋଗୁଁ ଆଉ ପଛପଟୁ ବିପଦ ଆସିବାର ଆଶଂକା ରହିଲା ନାହିଁ,ହଜରତ୍ ଖାଲିଦ୍ ର ଅ ସିଧାସଳଖ ଇରାନ ଉପରେ ଆକ୍ରମଣ କରିବାକୁ ନିଷ୍ପତି ନେଲେ । ଏହି ସମୟରେ ଅରଦଶେର୍ କିସରାର ମୃତ୍ୟୁ ହୋଇଯିବା ଯୋଗୁଁ ଇରାନୀ ସରକାର ବିଭ୍ରାଟର ଶିକାର ହୋଇଗଲା । ସେମାନଙ୍କ ମଧ୍ୟରେ ତା ଉତରାଧିକାରୀ ଚୟନ କରିବାରେ ମତଭେଦ ଦେଖାଦେଲା । ଏହି ସୁଯୋଗର ଲାଭ ଉଠାଇ ହଜରତ୍ ଖାଲିଦ୍ ର ଅ ସେମାନଙ୍କ ରାଜା,ରାଜକୁମାର ତଥା ଖାସ ଖାସ ଅମୀରମାନଙ୍କୁ ଚିଠି ଲେଖିଲେ । ସେହି ରାଜାମାନଙ୍କୁ ଚିଠି ଲେଖି ସେ କହିଥିଲେ ଯେ :ଏହି ଚିଠି ଖାଲିଦ୍ ବିନ୍ ୱଲିଦଙ୍କ ତରଫରୁ ପାରସ୍ୟର ରାଜାମାନଙ୍କ ନିକଟକୁ ଲେଖାଯାଉଅଛି ।

ଅମ୍ମା ବାଦ୍ : ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ନିମନ୍ତେ ଉଦ୍ଦିଷ୍ଟ, ଯିଏ ତୁମମାନଙ୍କ ସମସ୍ତ ଯୋଜନାକୁ ପଣ୍ଡ କରିଦେଲେ । ତୁମର ସମସ୍ତ କୌଶଳକୁ ବିଫଳ କରିଦେଲେ । ତୁମମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିଦେଲେ । ତୁମମାନଙ୍କ ଶକ୍ତିକୁ ଦୃବଳ କରିଦେଲେ । ତୁମମାନଙ୍କ ଧନସମ୍ପତି ଛଡ଼ାଇନେଲେ । ତୁମମାନଙ୍କ ପ୍ରାଧାନ୍ୟତା ତଥା ସମ୍ମାନକୁ ମାଟିରେ ମିଶାଇଦେଲେ । ତେଣୁ ତୁମମାନଙ୍କୁ ମୋର ଏହି ଚିଠିଟି ମିଳିବା ମାତ୍ରେ ତୁମେମାନେ ଇସଲାମ୍ ଗ୍ରହଣ କରିନିଅ ଯଦ୍ୱାରା ତୁମେମାନେ ନିରାପଦରେ ରହିବ । ଅଥବା ଶାନ୍ତି ଚୁକ୍ତି କରି ଜିଜିଆ ଦେବା ପାଇଁ ରାଜି ହୋଇଯାଅ । ଯଦି ଏହା କର,ଆମେ ତୁମକୁ ଏବଂ ତୁମ ଇଲାକାକୁ ଛାଡ଼ି ଅନ୍ୟ ଇଲାକାକୁ ଚାଲିଯିବୁ । ଅନ୍ୟଥା

ଅଲ୍ଲାଃଙ୍କ ରାଣ ! ଯାହାଙ୍କ ବ୍ୟତୀତ ଆଉ କେହି ଈଶ୍ୱର ନାହାନ୍ତି । ମୁଁ ଏମିତି ଏକ ସୈନ୍ୟବାହିନୀକୁ ସାଥିରେ ଧରି ଆସିବ,ଯିଏ ମୃତ୍ୟୁକୁ ଏମିତି ଭଲା ପାଏ ଯେମିତି ତୁମେମାନେ ନିଜ ଜୀବନକୁ ଭଲ ପାଇଥାଅ ଏବଂ ସେମାନେ ପରକାଳ ଉପରେ ଏତେ ମାତ୍ରାରେ ବିଶ୍ୱାସ ରଖିଛନ୍ତି ଯେତେମାତ୍ରାରେ ତୁମେମାନେ ଏହି ଜଗତ ପ୍ରତି ଆଗ୍ରହ ରଖିଅଛ । ସେହିପରି ଇରାନୀ ଅଧିକାରୀ ତଥା ଇରାନୀ ଅମୀରମାନଙ୍କୁ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ଅମୀରମାନଙ୍କ ନିକଟକୁ ଲେଖାଯାଉଅଛି । ତୁମେମାନେ ଇସଲାମ୍ ଗ୍ରହଣ କରିନିଅ ସୁରକ୍ଷିତ ରହିବ । ଅଥବା ଜିଜିଆ ଦିଅ ଯଦ୍ୱାରା ଆମେ ତୁମମାନଙ୍କ ସୁରକ୍ଷା ଦାୟିତ୍ୱ ବହନ କରିବୁ । ଅନ୍ୟଥା, ମନେରଖ ମୁଁ ଏମିତି ଏକ ଦଳକୁ ନେଇ ତୁମମାନଙ୍କ ଉପରେ ଆକ୍ରମଣ କରିବି,ଯେଉଁମାନେ ମୃତ୍ୟୁକୁ ଏତେ ମାତ୍ରାରେ ଭଲପାଇଥାନ୍ତି ଯେତେ ମାତ୍ରାରେ ତୁମେମାନେ ମଦ୍ୟପାନକୁ ଭଲପାଇଥାଅ ।

ହିରାଃ ବିଜୟ ହେବା ଦ୍ୱାରା ଇରାକକୁ ପରାସ୍ତ କରିବା ଏବଂ ତାହାକୁ ଇସଲାମିକ୍ ସାମ୍ରାଜ୍ୟରେ ବଶିଭୂତ କରିବା ପାଇଁ ହଜରତ୍ ଅବୁ ବକର୍ ର ଅ ଙ୍କ ମନସ୍କାମନାର ଗୋଟିଏ ଅଂଶ ଫଳପ୍ରଦ ହେଲା । ତାହା ଇରାନ ଉପରେ ସିଧାସଳଖ ଆକ୍ରମଣ କରିବାର ମୁଖବନ୍ଧ ଥିଲା । ଏହି ପରିପ୍ରେକ୍ଷୀରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜର କର୍ତବ୍ୟକୁ ଭଲ ଭାବରେ ନିର୍ବାହ କରିଥିଲେ ଏବଂ ଅଳ୍ପ ସମୟ ମଧ୍ୟରେ ସେ ହିରାଃଠାରେ ପହଂଚି ଯାଇଥିଲେ । କାରଣ ଇରାକ ବିରୁଦ୍ଧରେ ତାଙ୍କର ଅଭିଯାନ ମୁହର୍ରମ୍ ୧୨ ହିଜରୀରେ କାଜମା ଯୁଦ୍ଧରୁ ଆରମ୍ଭ ହୋଇଥିଲା,ଏବଂ ସେହି ବର୍ଷ ରବିଉଲ୍ ଅୱଲ୍ ମାସ ୧୨ ହିଜରୀରେ ହିରାଃକୁ ପରାସ୍ତ କରାଯାଇଥିଲା ।

ପୁଣି ତାପରେ ଅମ୍ବାର ଯୁଦ୍ଧ ଏବଂ ଜାତୁଲ୍ ଉୟୁନ୍ ଯୁଦ୍ଧନ ବିଷୟରେ ଉଲ୍ଲେଖ ରହିଛି । ତାହା ମଧ୍ୟ ୧୨ ହିଜରୀରେ ଅନୁଷ୍ଠିତ ହୋଇଥିଲା । ଇରାନୀ ସେନା ହିରାଃର ଅତି ନିକଟସ୍ଥ ଅମ୍ବର ଏବଂ ଅଇନୁଲ୍ ତମର୍ ନିକଟରେ ଛାଉଣି ପକାଇ ଥିଲୋ । ଅମ୍ବାର ମଧ୍ୟ ବାଗଦାଦ୍ ନିକଟସ୍ଥ ଗୋଟିଏ ସହର ଥିଲା । ଅମ୍ବାରର ନାମକରଣ ବିଷୟରେ ଉଲ୍ଲେଖ ରହିଛି ଯେ ଆରବୀ ଭାଷାରେ ଶସ୍ୟ ଏବଂ ଅନ୍ୟାନ୍ୟ ଜିନିଷ ପତ୍ର ଇତ୍ୟାଦିକୁ ସାଇତି ରଖାଯାଉଥିବା ସ୍ଥାନକୁ ଅମ୍ବାର୍ କୁହାଯାଏ । ସେହି ସହରକୁ ଅମ୍ବାର ଏଇଥିପାଇଁ କୁହାଯାଉଥିଲା ଯେ ସେଠାରେ ଖାଦ୍ୟ ପେୟ ପ୍ରଚୁର ମାତ୍ରାରେ ମହଜୁଦ୍ ଥିଲା । ଅଇନୁଲ୍ ତମର୍ ହେଉଛି ଅମ୍ବାର ନିକଟସ୍ଥ କୁଫାର ପଶ୍ଚିମ ଦିଟରେ ଥିବା ଗୋଟିଏ ସହର ।

ଏକଥା ଉଲ୍ଲେଖ ଅଛି ଯେ ସେହି ସ୍ଥାନଗୁଡ଼ିକରେ ଇରାନୀ ସେନାର ଉପସ୍ଥିତି ଇସଲାମୀୟ ସେନା ନିମନ୍ତେ ଭିଷଣ ବିପଦ ସୃଷ୍ଟି କରିସାରିଥିଲା । ଏହି ପରି ଗୁରୁତର ପରିସ୍ଥିତିରେ,ଯଦି ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନୀରବ ହୋଇ ହିରାଃଠାରେ ବସି ରହିଥାନ୍ତେ,ଏବଂ ବାହାରକୁ ବାହାରି ଇରାନୀ ସେନା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥାନ୍ତେ,ତେବେ ଏ ଆଶଙ୍କା ଥିଲା ଯେ ମୁସଲମାନ୍ ମାନେ ଏହି ଇଲାକା ଅର୍ଥାତ୍ ହିରାଃ ଇଲାକା,ଯାହାକୁ ମୁସଲମାନମାନେ ବିଜୟ କରିସାରିଥିଲେ,ସେ ତାହାକୁ ହରାଇ ବସିଥାନ୍ତେ । ଯାହାକୁ ବହୁ ପରିଶ୍ରମ କରି ବିଜୟ କରାଯାଇଥିଲା । ତେଣୁ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ସେନାକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଲେ । **(ଉଦ୍ଧୃତ ପୁସ୍ତକ ସୟଦନା ଅବୁବକର୍ ସିଦ୍ଦିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲୀ ମୁହମ୍ମଦ୍ ସଲାବୀ ମୁତରଜିମ୍ ,ପୃ-୪୧୩, ମୁଦ୍ରିତ ଅଲଫୁରକାନ୍ ମୁଜଫର୍ ଗଢ)(ହଜରତ୍ ଅବୁ ବକର୍ ର ଅ ସିଦ୍ଦିକ୍ ଅକବର୍ ,ପୃ-୨୮୭, ଅଜ୍ ହୈକଲ୍ , ମୁତରଜିମ୍ ଇଲମୋ ଇରଫାନ୍ ପବ୍ଲିସର୍ସ ୨୦୦୪)(ଅଲକାମିଲ୍ ଫିତ୍ ତାରିଖ୍ , ଖ-୦୨, ପୃ-୨୫୪ ,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ୍)(ମାଖୁଜ୍ ଅଜ୍ ଅଲମୁନଜିଦ୍ ଜେରେ ଲଫଜ୍ ନବର୍ )(ମୁଅଜମୁଲ୍ ବୁଲଦାନ୍ , ଖ-୦୧, ପୃ-୩୦୫ ଖ-୦୪ ,ପୃ-୧୯୯,ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ)**

ଯେତେବେଳେ ହିରାଃ ଏବଂ ତା ଆଖପାଖର ପରିସ୍ଥିତି ନିୟନ୍ତ୍ରଣାଧିନ ହେଲା ଏବଂ ପରିସ୍ଥିତି ସୁଧୁରି ଶାନ୍ତି ସ୍ଥାପନ ହେଲା,ସେତେବେଳେ ହଜରତ୍ ଖାଲିଦ୍ ର ଅ ହିରାଃ ଉପରେ ହଜରତ୍ କାଅକାଅ ବିନ୍ ଅମ୍ରୋ ତମିମୀ ର ଅଙ୍କୁ ନିଜର ଡ଼େପୁଟି ଭାବରେ ନିଯୁକ୍ତି କରିଦେଲେ ଏବଂ ନିଜେ ହଜରତ୍ ଅୟାଜ୍ ବିନ୍ ଗନମ୍ ଙ୍କୁ ସାହାଯ୍ୟ କରିବା ପାଇଁ ଚାଲିଗଲେ । ହଜରତ୍ ଅୟାଜ୍ ବିନ୍ ଗନମ୍ ର ଅ ଙ୍କୁ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର ଅ ଉତରରୁ ଇରାକକୁ ଜୟ କରିବା

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.7 Thursday 27 Oct - 08 Dec 2022 Issue No. 43-49**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.600/- (Per Issue:Rs.11.50/-) (**WEIGHT** - 20-50gms/issue)

ପାଇଁ ପଠାଇଥିଲେ ଏବଂ ତାଙ୍କୁ ହଜରତ୍ ଖାଲିଦ୍ ର ଅ ଙ୍କ ସହିତ ଯାଇ ଭେଟିବାକୁ ନିର୍ଦ୍ଦେଶ ଦେଇଥିଲେ । **(ସୟଦନା ଅବୁ ବକର୍ ସଦ୍ଧିକ୍ ର ଅ ଶଖସିୟତ୍ ଔର୍ କାରନାମେ ଅଜ୍ ଡ଼ାଃ ଅଲି ମୁହମ୍ମଦ୍ ସଲାବୀ ମୁତରଜିମ୍ ,ପୃ-୪୧୬)**

ଅମ୍ବାର ସୈନ୍ୟବାହିନୀର ସେନାପତି ଶେରଜାଦ୍ ଥିଲା । ସେ ତା ସମୟରେ ଆରବ ତଥା ଅଣଆରବୀୟମାନଙ୍କ ମଧ୍ୟରେ ଜଣେ ବୁଦ୍ଧିମାନ,ସମ୍ମାନୀୟ ଏବଂ ଜଣେ ପ୍ରଶିଦ୍ଧ ଅଣଆରବୀୟ ଥିଲା । ଅର୍ଥାତ ଅଣଆରବୀୟମାନେ ତାକୁ ବହୁତ ଭଲପାଉଥିଲେ । ସାବାତ ମଧ୍ୟ ମଦାଇନର ଗୋଟିଏ ପ୍ରଶିଦ୍ଧ ସ୍ଥାନର ନାମ ଥିଲା । ସେ ଯାହା ବି ହେଉ ଏକଥା ଉଲ୍ଲେଖ ରହିଛି ଯେ ଅମ୍ବରର ଅଧିବାସୀମାନେ ଦୁର୍ଗ ମଧ୍ୟରେ ପ୍ରବେଶ କରିଗଲେ ଏବଂ ନିଜକୁ ସେଥିରେ ଆବଦ୍ଧ କରି କିଲ୍ଲାକୁ ବନ୍ଦ କରିଦେଲେ । ପୁଣି ସେମାନେ ଦୁର୍ଗର ଚାରିପାଖରେ ଗଡ଼ଖାଇ ଖୋଳିଥିଲେ ଓ ତାକୁ ପାଣି ଦ୍ୱାରା ଭରି ରଖିଥିଲେ । ସେହି ଗଡ଼ଖାଇଟି ଦୁର୍ଗର କାନ୍ଥର ଅତି ନିକଟରେ ଥିଲା । ଯଦି କୌଣସି ମୁସଲମାନ୍ ତାହାର ନିକଟତର ହେଉଥିଲା, ଦୁର୍ଗର କାନ୍ଥ ଉପରେ ନିୟୋଜିତ ହୋଇଥିବା ବିରୋଧି ସୈନିକମାନେ ସେହି ମୁସଲମାନମାନଙ୍କ ଉପରେ ତୀର ନିକ୍ଷେପ କରି ପଛକୁ ଲେଉଟିଯିବା ପାଇଁ ବାଧ୍ୟ କରିଦେଉଥିଲେ । ସେମାନେ ଏହିପରି ଅବସ୍ଥାରେ ଥିଲେ ଯେ, ହଜରତ୍ ଖାଲିଦ୍ ବିନ ୱଲିଦ୍ ର ଅ ନିଜ ସୈନ୍ୟବାହିନୀର ସବୁଠାରୁ ଆଗରେ ଥିବା ସୈନିକମାନଙ୍କୁ ଧରି ସେଠାରେ ପହଂଚିଗଲେ । ସେ ଯାଇ ଗଡ଼ଖାଇ ଚାରିପାଖରେ ଗୋଟିଏ ଚକର ଲଗାଇଲେ,ଦୁର୍ଗର ପ୍ରତିରକ୍ଷା ବ୍ୟବସ୍ଥାର ନିରୀକ୍ଷଣ କଲେ ଏବଂ ଈଶ୍ୱର ପ୍ରଦତ ନିଜର ବୁଦ୍ଧି ଦ୍ୱାରା ଗୋଟିଏ ଯୋଜନା ପ୍ରସ୍ତୁତ କଲେ । ପୁଣି ହଜରତ୍ ଖାଲିଦ୍ ର ଅ ନିଜ ସୈନ୍ୟବାହିନୀରେ ମୃତୟନ ଥିବା ଏପରି ଏକ ହଜାର ଧନୁର୍ଦ୍ଧରମାନଙ୍କୁ ବାଛିଲେ,ଯେଉଁମାନେ ବହୁତ ଭଲ ନିଶାଣ ଲଗାଉଥିଲେ । ପୁଣି ସେମାନଙ୍କୁ ନିର୍ଦ୍ଦେଶ ଦେଇ କହିଲେ ଯେ, ମୁଁ ଦେଖିବାକୁ ପାଇଲି ଯେ ଏମାନେ (ଅର୍ଥାତ ଅମ୍ବାରର ତୀରଚାଳକମାନେ) ଯୁଦ୍ଧର ନୀତି ବିଷୟରେ ସମ୍ପୂର୍ଣ୍ଣ ଅଜ୍ଞ । ତୁମେମାନେ କେବଳ ସେମାନଙ୍କ ଆଖିକୁ ଲକ୍ଷକରି ତୀର ମାରିବ । ଏତତବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ ମାରିବ ନାହିଁ । ସୁତରାଂ ସେମାନେ ସମସ୍ତେ ଏକା ସାଥିରେ ତୀର ମାରିଲେ ଏବଂ ଏହିପରି ଅନେକ ଥର କଲେ । ଫଳତଃ ସେହିଦିନ ପ୍ରାୟ ଏକ ହଜାର ଆଖି ଫୁଟି କଣା ହୋଇଗଲା । ସେଇଥିପାଇଁ ସେହି ଯୁଦ୍ଧର ନାମ ଜାତୁଲ୍ ଉୟୁନ୍ ନାମରେ ବି ପ୍ରଶିଦ୍ଧ । ଅର୍ଥାତ୍ ଆଖିର ଯୁଦ୍ଧ ।

ଶତୃପକ୍ଷ ମଧ୍ୟରେ କୋଳାହଳ ମଚିଗଲା ଯେ ଅମ୍ବରବାସୀଙ୍କ ଆଖିଗୁଡ଼ିକ ଫୁଟିଯାଉଛି । କିନ୍ତୁ ଏହା ସତ୍ୱେ ମଧ୍ୟ ଅମ୍ବାରର ହାକିମ ବିନା କୌଣସି ସର୍ତରେ ଆତ୍ମସମର୍ପଣ କରିବାକୁ ମନା କରିଦେଲେ । ଏଥିରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିଜ ସେନାର କିଛି ଦୃବଳ ତଥା ଥକାମାନ୍ଦା ଓଟକୁ ସାଥିରେ ଧରି ସେହି ଗଡ଼ଖାଇର ସଂକୀର୍ଣ୍ଣ ସ୍ଥାନକୁ ଗଲେ । ପୁଣି ସେଠାରେ ସେହି ଓଟଗୁଡ଼ିକୁ ଜେଭ (ଅର୍ଥାତ ଇସଲାମୀୟ ପ୍ରଥା ଅନୁସାରେ ବଧ) କରି ସେହି ଗଡ଼ଖାଇ ଭିତରେ ପକାଇ ପୋତି ଦେଲେ । ଫଳତଃ ଗଡ଼ଖାଇଟି ଭର୍ତି ହୋଇଗଲା ଏବଂ ସେହି ପଶୁ ମାନଙ୍କ ଦ୍ୱାରା ଗୋଟିଏ ସେତୁ ନିର୍ମାଣ ହୋଇଗଲା । ଏବେ ମୁସଲମାନମାନେ ଏବଂ ମୁସରିକମାନେ ସେହି ଖନ୍ଦକ(ଗଡ଼ଖାଇ)ର ଆମନା ସାମନାରେ ଥିଲେ । ଅର୍ଥାତ ପରସ୍ପର ମୁହାଁମୁହିଁ ହୋଇ ରହିଥିଲେ । ଏହା ଦେଖି ଶତୃପକ୍ଷ ପଛଘୁଂଚା ଦେଇ ଦୁର୍ଗକୁ ବନ୍ଦ କରିଦେଲେ । ଅତେବ୍ ଅମ୍ବାରର ହାକିମ ଶେରଜାଦ୍ ପୁଣି ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କ ସହିତ ଶାନ୍ତି ସନ୍ଧି କରିବା ପାଇଁ ବାର୍ତା ପଠାଇଲେ ଏବଂ ନିବେଦନ କଲେ ଯେ ମତେ ଗୋଟିଏ ଅଶ୍ୱାରୋହୀମାନଙ୍କ ଦଳ ସହିତ,ଯାହା ସାଥିରେ କୌଣସି ସାମାନ ନଥିବ,ଏଠାରୁ ବାହାରି ଚାଲିଯିବା ପାଇଁ ଏବଂ ନିଜ ବାସସ୍ଥାନରେ ପହଂଚିବା ପାଇଁ ଅନୁମୋତି ଦିଆଯାଉ । ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଏହି ସର୍ତକୁ ଗ୍ରହଣ କରିନେଇଥିଲେ ।

ଏଠାରେ ଏକଥା ମଧ୍ୟ ସୂଚନାଯୋଗ୍ୟ ଯେ ଯେଉଁ ଐତିହାସିକମାନେ ତଥା ଜୀବନୀ ଲେଖକମାନେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ଉପରେ ଏ ଆପତି ଓ ଅଭିଯୋଗ କରିଛନ୍ତି ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ନିର୍ଦ୍ଦୟତା,ବର୍ବରତା,ହତ୍ୟା ଏବଂ ଲୁଟ ତରାଜ କରି ବାଜାରକୁ ଗରମ କରି ରଖିଥିଲେ ବୋଲି । ସେମାନେ ଏକଥାକୁ ଚିନ୍ତନ କରିବା କଥା ଯେ ଶତୃପକ୍ଷର ଭିଷଣ ଯୁଦ୍ଧଖୋର ମନବୃତି ଏବଂ ବାରମ୍ବାର ସନ୍ଧି ପ୍ରସ୍ତାବକୁ ପ୍ରତ୍ୟାକ୍ଷାନ କରିବା ସତ୍ୱେ ମଧ୍ୟ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଶତୃପକ୍ଷ ଉପରେ ବିଜୟ ପାଇଥିଲେ । ପୁଣି ସେ (ଅମ୍ବାରର ହାକିମ) ଯେତେବେଳେ ଏଠାରୁ ଚାଲିଯିବା ପାଇଁ ଅନୁମତି ମାଗିଲେ,ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ତାଙ୍କୁ ନିଜ ସହିତ ତିନି ଦିନର ସାମଗ୍ରୀ ସାଥିରେ ନେଇଯିବା ପାଇଁ ଅନୁମତି ଦେଇଥିଲେ ଓ କୌଣସି ପ୍ରକାରର ହିଂସା କରିନଥିଲେ । ଅତେବ ଏହା ହେଉଛି ଗୋଟିଏ ବଳିଷ୍ଠ ପ୍ରମାଣ ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅଙ୍କ ଉପରେ ଲଗାଯାଇଥିବା ଉପରୋକ୍ତ ଆପତି ଅଭିଯୋଗ ବିଲକୁଲ୍ ଭିତିହିନ ।

ଯେତେବେଳେ ଶେରଜାଦ୍ ସେଠାରୁ ନିଜ ଜୀବନ ରକ୍ଷା କରି ବହିମନ୍ ଜାଜୱିୟା ନିକଟରେ ପଂହଚିଲା ଏବଂ ତାକୁ ଏ ଘଟଣା ସମ୍ବନ୍ଧରେ ଅବଗତ କଲା, ସେ ଶେରଜାଦ୍ କୁ ଭର୍ସନା କଲା । ଏଥିରେ ଶେରଜାଦ୍ କହିଲା ଯେ ମୁଁ ସେଠାରେ ଏମିତି ଲୋକମାନଙ୍କ ମଧ୍ୟରେ ଥିଲି,ଯେଉଁମାନଙ୍କର କିଛି ବୁଦ୍ଧିସୁଦ୍ଧି ନଥିଲା । ସେମାନେ ଆରବୀୟ ବଂଶଜ ଥିଲେ । ତାର ଇସାରା ମୁସଲମାନମାନଙ୍କ ଆଡ଼କୁ ନଥିଲା । ବରଂ ଅମ୍ବାରବାସୀମାନଙ୍କ ମଧ୍ୟରେ ବସବାସ କରୁଥିବା ଆରବୀୟ ଜନଜାତିଙ୍କ ଆଡ଼କୁ ଥିଲା,ଯେଉଁମାନଙ୍କୁ କିଛି ଜଣା ନଥିଲା । ଶେରଜାଦ୍ କହିଲା ମୁଁ ଶୁଣିଛି ଯେ ମୁସଲମାନମାନେ ନିଜ ଜୀବନକୁ ବାଜି ଲଗାଇ ଆମମାନଙ୍କ ଉପରେ ଆକ୍ରମଣ କରୁଛନ୍ତି । ଯେତେବେଳେ କୌଣସି ଜାତି ନିଜ ଜୀବନକୁ ବାଜି ଲଗାଇ କାମ କରେ,ସେତେବେଳେ ବିଜୟ ତାପାଇଁ ବାଧ୍ୟତାମୂଳକ ହୋଇଯାଏ । ସୁତରାଂ ଯେତେବେଳେ ସେମାନେ ଆମ ସୈନ୍ୟବାହିନୀକୁ ସାମନା କଲେ,ଯୁଦ୍ଧ କଲେ,ସେମାନେ ଆମ କିଲ୍ଲା ଏବଂ ଆମ ସ୍ଥଳସେନାର ଏକ ହଜାର ଆଖି ଫୁଟାଇଦେଲେ । ଏଥିରେ ମତେ ଅନୁଭବ ହେଲା ଯେ ସେମାନଙ୍କ ସହିତ ଶାନ୍ତି ଚୁକ୍ତି କରିବା ଆମ ପାଇଁ ଶ୍ରେୟଷ୍କର ହେବ । ଯେତେବେଳେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଏବଂ ସବୁ ମୁସଲମାନମାନେ ଅମ୍ବାରର ଅବସ୍ଥାକୁ ଦେଖି ସନ୍ତୋଷ ଲାଭ କଲେ ଏବଂ ଅମ୍ବାରର ଅଧିବାସୀମାନେ ମଧ୍ୟ ନିର୍ଭୟରେ ବାହାରକୁ ବାହାରିଗଲେ,ସେତେବେଳେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଦେଖିଲେ ଯେ ସେହି ଲୋକମାନେ ଆରବୀ ଭାଷା ପଢିପାରୁଛନ୍ତି ଏବଂ ଲେଖିପାରୁଛନ୍ତି । ଏହା ଦେଖି ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ସେମାନଙ୍କୁ ପଚାରିଲେ ଯେ ତୁମେମାନେ କିଏ ? ସେମାନେ କହିଲେ, ଆମେମାନେ ହେଉଛୁ ଆରବ ଦେଶର ଗୋଟିଏ ଜନଜାତି ଏବଂ ଆମେମାନେ ଏଠାରେ ସେହି ଆରବୀୟ ଲୋକମାନଙ୍କ ନିକଟରେ ଆସି ପହଂଚିଥିଲୁ ଯେଉଁମାନେ ଆମ ପୂର୍ବରୁ ଆସି ଏଠାରେ ବସବାସ କରୁଥିଲେ । ସେହି ଆରବୀୟମାନେ ସର୍ବପ୍ରଥମେ ବଖ୍ତ୍ ନସର୍‌ଙ୍କ ଶାସନ କାଳରେ ସେତେବେଳେ ଏଠାକୁ ଆସିଥିଲେ ଯେତେବେଳେ ସେ ଆରବୀୟମାନଙ୍କୁ ଏଠାରେ ବସବାସ କରିବା ପାଇଁ ଅନୁମତି ଦେଇଥିଲେ । ପୁଣି ସେମାନେ ସେ ସମୟରୁ ହିଁ ଏହିଠାରେ ରହିଆସୁଛନ୍ତି । ସୁତରାଂ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ତାଙ୍କୁ ପଚାରିଲେ ଯେ ତୁମେମାନେ କାହାଠାରୁ ଲେଖିବା ଶିଖିଲ ? ସେମାନେ କହିଲେ ଯେ ଆମେମାନେ ବନୁ ଅୟାଦ୍ କବିଲାଠାରୁ ଆରବୀ ଲେଖିବା ଶିଖିଛୁ । ତାପରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଅମ୍ବାରର ଆଖପାଖ ଇଲାକାର ଲୋକମାନଙ୍କ ସହିତ ଶନ୍ତି ସ୍ଥାପନ କରିଥିଲେ । **(ତାରିଖେ ତିବରୀ , ଖ-୦୨, ପୃ-୩୨୨,୩୨୩, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ)(ମୁଅଜମୁଲ୍ ବୁଲଦାନ୍ , ଖ-୦୩, ପୃ-୨୦୯, ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ)**

ପୁଣି ଅଇନୁଲ୍ ତମର୍ ଯୁଦ୍ଧ ମଧ୍ୟ ବାର ହିଜରୀରେ ଅନୁଷ୍ଠିତ ହୋଇଥିଲା । ତା ବିଷୟରେ ବି ଉଲ୍ଲେଖ ରହିଛି ଯେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଅମ୍ବାର ଉପରେ ବିଜୟ ଲାଭ କଲେ ଏବଂ ତାହା ସମ୍ପୂର୍ଣ୍ଣନ ରୂପେ ନିଜ ନିୟନ୍ତ୍ରଣରେ ଆସିଗଲା । ତାପରେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ତାହାର ନିକଟତମ ଇଲାକା ଅଇନୁଲ୍ ତମର୍ ଆଡ଼କୁ ଅଗ୍ରସର ହେଲେ । ଅଇନୁଲ୍ ତମର୍ ଇରାକ ଏବଂ ସିରିଆର ମଧ୍ୟଭାଗରେ ଅବସ୍ଥିତ ମରୁଭୂମି ସୀମାରେ ଅବସ୍ଥିତ ଥିଲା । ଅମ୍ବାରରୁ ବାହାରି ଅଇନୁଲ୍ ତମର୍ ପହଂଚିବାକୁ ତିନି ଦିନ ଲାଗିଗଲା । ଇରାନୀମାନଙ୍କ ତରଫରୁ ସେଠିକାର ହାକିମ ମେହରାନ୍ ବିନ୍ ବହରାମ୍ ମୃତୟନ ଥିଲା । ସେ ଅଣଆରବୀୟ ବିଦେଶୀ ସେନାମାନଙ୍କ ସହିତ ସେଠାରେ ଉପସ୍ଥିତ ଥିଲା । ଇରାନୀ ସେନା ବ୍ୟତୀତ ଆରବର ବିଭିନ୍ନ ବେଡୁଇନ୍ ଜନଜାତିର ଲୋକେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । । ସେମାନଙ୍କର ସର୍ଦାର (ମୁଖିଆ) ଆକାଃ ବିନ୍ ଅବି ଆକାଃ ଥିଲା । ଯେତେବେଳେ ସେମାନେ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର ଅ ଙ୍କ ବିଷୟରେ ଶୁଣିଲେ,ଆକାଃ ମେହରାନ୍‌କୁ କହିଲା ଯେ ଆରବୀୟ ଲୋକେ ଆରବମାନଙ୍କ ସହିତ ଲଢିବାର କଳା ଖୁବ୍ ଭଲ ଭାବରେ ଜାଣିଛନ୍ତି । ତେଣୁ ଆମକୁ ଏବଂ ଖାଲିଦକୁ ଲଢିବା ପାଇଁ ଛାଡ଼ି ଦିଅନ୍ତୁ । ସେ ଏକଥା ଭାବୁଥିଲା ଯେ ଆମକୁ ଜଣା ଅଛି ଯେ ଆମେ କିପରି ତାଙ୍କ(ଅର୍ଥାତ ହଜରତ୍ ଖାଲିଦ୍ ବିନ୍ ୱଲିଦ୍ ର

*ଅବଶିଷ୍ଟାଂଶ ପୃଷ୍ଠା-୦୬ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan